## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଆମ୍ ଆଦ୍‌ମୀ ପାର୍ଟିର ଜିଲାସ୍ତରୀୟ ସମ୍ମିଳନୀ, ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ପୂର୍ବାହ୍ନ ୧୦ଟା
- ଔଷଧଶୂନ୍ୟ ଓ ଯନ୍ତ୍ରଣାହୀନ ଚିକିତ୍ସା ଶିବିର, ବସ୍ତି ଧର୍ମଶାଳା ଗଳି, ପୂର୍ବାହ୍ନ ୧୦ଟା
- ଜିଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ଅପରାହ୍ନ ୨ଟା

## ସଂକ୍ଷେପରେ

### ସମଲେଶ୍ୱରୀ ଦଶହରା ପୂଜା କମିଟି ବୈଠକ

**ସମ୍ବଲପୁର, ୧୭ା୯(ବ୍ୟୁରୋ):** ଶ୍ରୀ ଶ୍ରୀ ସମଲେଶ୍ୱରୀ ଦଶହରା ପୂଜା କମିଟିର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅକ୍ଷୟ ନାୟକ ସଭାପତିତ୍ୱ କରିଥିଲେ। ସର୍ବସମ୍ମତିକ୍ରମେ ବିଭିନ୍ନ ପ୍ରସ୍ତାବ ସଭ୍ୟଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା। ହିସାବ ରକ୍ଷକ ସଞ୍ଜୀବ ମହାପାତ୍ର ବିଗତ ବର୍ଷର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। କମିଟି ସଭାପତି ଅକ୍ଷୟ ରାୟ, ଉପସଭାପତି ସପନ ରାୟ, ସମ୍ପାଦକ ପ୍ରିୟଦର୍ଶୀ ଇନ୍ଦ୍ରନିଲ, ସହସମ୍ପାଦକ ସଞ୍ଜିବ ସିଂ, କୋଷାଧ୍ୟକ୍ଷ ଧିରେନ ମହାପାତ୍ର, ସହ କୋଷାଧ୍ୟକ୍ଷ ଗୌରିଶଙ୍କର ନାଏକ, ହିସାବ ରକ୍ଷକ ସଞ୍ଜିବ ମହାପାତ୍ର, ସାଂସ୍କୃତିକ ସମ୍ପାଦକ କାହ୍ନା ଦ୍ୱିବେଦି, ସାଜସଜା ସମ୍ପାଦକ ଶଙ୍କର ଶର୍ମା, ରଞ୍ଜିତ ଦେବ, ରିଙ୍କୁ ନାୟକ, ଶୁଭମ ରାୟ, କୁନ୍ଦନ ପ୍ରଧାନ ଆଲୋଚନାରେ ଭାଗ ନେଇଥିଲେ।

### ଓକିଲଙ୍କ ବିୟୋଗରେ ଶୋକସଭା

**ରେଢ଼ାଖୋଲ, ୧୭ା୯(ଡି.ଏନ.ଏ.):** ରେଢ଼ାଖୋଲ ଓକିଲ ସଂଘ ର ସଦସ୍ୟ ରାଜନ ଶର୍ମାଙ୍କ ଶୁକ୍ରବାର ଦିଲ୍ଲୀରେ ଚିକିତ୍ସାଧୀନ ଅବସ୍ଥାରେ ବିୟୋଗ ହୋଇଛି। ତାଙ୍କୁ ୬୦ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ଅନ୍ତିମ ସଂସ୍କାର ଶନିବାର ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଛି। ତାଙ୍କ ବିୟୋଗରେ ରେଢ଼ାଖୋଲ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ଓ ୨ ପୁଅ, ଭାଇ ଉପସ୍ଥିତ ଥିଲେ। ତାଙ୍କ ଅକାଳ ବିୟୋଗରେ ଶନିବାର ଓକିଲ ସଂଘ କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ସଂଘ ସଭାପତି ଅଭୟ କୁମାର ବୀରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ଉମାକାନ୍ତ ମହାନନ୍ଦ, ଓକିଲ ବିମଳ ପ୍ରଧାନ, ଦୟାସାଗର ପ୍ରଧାନ, ଗଣେଶ୍ୱର ପ୍ରଧାନ, ବିରାମ ପ୍ରଧାନ, ଜନ୍ମେଜୟ ସାହୁ, ନଗେନ ବିଶ୍ୱାଳ, ଅଚ୍ୟୁତାନନ୍ଦ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ।

### ଜେଏସ୍‌ଡବ୍ଲ୍ୟୁ ଅଧ୍ୟକ୍ଷଙ୍କ ଶୋକ

**ସମ୍ବଲପୁର, ୧୭ା୯(ବ୍ୟୁରୋ):** ସମ୍ବଲପୁର ଜିଲା ଠେଲକୋଲୋଇସ୍ଥିତ ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ କମ୍ପାନୀର ୮ ଅଧିକାରୀ ଓ କର୍ମଚାରୀଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଜେଏସ୍‌ଡବ୍ଲ୍ୟୁ ଅଧ୍ୟକ୍ଷ ଅନୀଲ ସିଂ ଶୋକବ୍ୟକ୍ତ କରିଛନ୍ତି। ମୃତକଙ୍କ ଆତ୍ମାର ସଦ୍‌ଗତି କାମନା କରି ସେମାନଙ୍କ ଶୋକସନ୍ତପ୍ତ ପରିବାରକୁ ଭଗବାନ ସହାୟ ହୁଅନ୍ତୁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଝାରସୁଗୁଡ଼ା ଜିଲା ସଦର ଥାନା ବାଇପାସ୍ ନିକଟରେ ଶୁକ୍ରବାର ସନ୍ଧ୍ୟାରେ କମ୍ପାନୀର ବସ୍ ଓ ହାଇୱା ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ୮ଜଣଙ୍କ ମୃତ୍ୟୁ ଘଟିଥିଲା। ଆହତମାନଙ୍କୁ ବିଭିନ୍ନ ଘରୋଇ ମେଡିକାଲରେ କମ୍ପାନୀ ପକ୍ଷରୁ ଚିକିତ୍ସା କରାଯାଉଛି।

# ଫାଇନାନ୍ସ କର୍ମଚାରୀ ଲୁଟ୍ ଘଟଣାର ପର୍ଦ୍ଦାଫାଶ

- ପୂର୍ବ କର୍ମଚାରୀଙ୍କ ସମେତ ୫ ଗିରଫ
- ୩ ବାଇକ୍, ୭ ମୋବାଇଲ, ୧୨ହଜାର ଟଙ୍କା ଜବତ
- ୬ ଜିଲାର ବିଭିନ୍ନ ଥାନାରେ ୧୯ଲୁଟ୍ ମାମଲାରେ ସମ୍ପୃକ୍ତି

**ରେଢ଼ାଖୋଲ, ୧୭ା୯(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢ଼ାଖୋଲ ଉପଖଣ୍ଡର ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣାରେ ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୩ ବାଇକ୍, ୭ ମୋବାଇଲ ଫୋନ, ନଗଦ ୧୨ ହଜାର ଟଙ୍କା ଆଦି ଜବତ ହୋଇଛି। ଶନିବାର ରେଢ଼ାଖୋଲ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର ଏହି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଜିଲା ଅଇଁଠାପାଲି ଥାନା ବୁଢାରଜା ଭୀମଭୋଇ ନଗରର ସୁନୀଲ ବେହେରା, ସୋନପୁର ଜିଲା ସୁବଳୟା ଥାନା ଆମ୍ବସରଭଟାର ରମେଶ ଭୋଇ, ଜଟେସିଂଗାର ଗଙ୍ଗାଧର ବାଦି, କୁଦପଡା ହରିଜନ ସାହିର ଦୟାନିଧି ଓରଫ ସୁଶାନ୍ତ ଲୁହା ଓ କମିରା ଗ୍ରାମର କାହ୍ନୁଚରଣ ତାଣ୍ଡି।

ଏସ୍‌ଡିପିଓ ମେହେର କହିଛନ୍ତି, ଗତ ୮ତାରିଖରେ ନାକଟିଦେଉଳ ଅନ୍ନପୂର୍ଣ୍ଣା ଫାଇନାନ୍ସ କମ୍ପାନୀର କର୍ମଚାରୀ ନୟାଗଡ଼ ଜିଲା ଓଡ଼ଗାଁର ଆଲୋକ ସାହୁ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀଠାରୁ ଋଣ ଟଙ୍କା ଆଦାୟ କରି ଫେରୁଥିଲେ। ଚରଡପଶି ଗ୍ରାମ ନିକଟରେ ୩ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ତାଙ୍କଠାରୁ ୪୦ହଜାର ୭୫୦ଟଙ୍କା ଲୁଟିନେଇଥିଲେ। ଏ ନେଇ ଆଲୋକ ନାକଟିଦେଉଳ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର ଗୁରୁତର ସହ ନେଇ ଏକ ଟିମ୍ ଗଠନକରି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ବେଳେ ପୋଲିସ ଟିମ୍ ଅଭିଯୁକ୍ତ ସୁନୀଲ ଓ ରମେଶ ପୂର୍ବରୁ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟ କରୁଥିବା ଜାଣିବାକୁ ପାଇଥିଲେ। ସୁନୀଲ ଏକ ଲୁଟେରା ଗ୍ୟାଙ୍ଗ ଗଠନ କରି ବିଭିନ୍ନ ସ୍ଥାନରେ ଫାଇନାନ୍ସ କମ୍ପାନୀର କର୍ମଚାରୀଙ୍କଠାରୁ ଲୁଟ୍ କରିଥିବା ଜାଣିବା ପରେ ପୋଲିସ ଟିମ୍ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଗିରଫ ଅଭିଯୁକ୍ତମାନଙ୍କୁ ଶନିବାର ରେଢ଼ାଖୋଲ ଏସ୍‌ଡିଜେଏମ୍‌ଙ୍କ ଅଦାଲତକୁ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମୁଖ୍ୟ ଅଭିଯୁକ୍ତ ସୁନୀଲଙ୍କ ନାମରେ ରେଢ଼ାଖୋଲ, ଚାରମାଲ, ଝୁଜୁମୁରା, ଅନୁଗୋଳ, କିଆକଟା ଓ ଛେଣ୍ଡିପଦା ଥାନାରେ ମାମଲା ରହିଥିବାବେଳେ ଦୟାନିଧିଙ୍କ ନାମରେ କଣ୍ଟାମାଳ, ରେଢ଼ାଖୋଲ, ଚାରମାଳ ଓ ନାକଟିଦେଉଳ ଥାନାରେ ମାମଲା ରହିଛି। ଖବରଦାତା ସମ୍ମିଳନୀରେ କିସିଣ୍ଡା ଥାନା ଅଧିକାରୀ ପ୍ରଶାନ୍ତ ସାମଲ, ଚାରମାଳ ଥାନା ଅଧିକାରୀ ବସନ୍ତ କୁମାର ଦଲାଇ, ନାକଟିଦେଉଳ ଥାନା ଅଧିକାରୀ ବିଭୂତି ଭୂଷଣ ଦଲେଇ ଓ ଝୁଜୁମୁରା ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ହାଜର ହୋଇଥିବା ଗିରଫ ଅଭିଯୁକ୍ତମାନେ।

## ସ୍ନେହ ମମତାର ପ୍ରତୀକ ପୁଅ ଜିଉଁନ୍ତିଆ



**ସମ୍ବଲପୁର, ୧୭ା୯(ବ୍ୟୁରୋ)**

ସ୍ନେହ ଓ ମମତାର ପ୍ରତୀକ ପୁଅ ଜିଉଁନ୍ତିଆ (ପୋ ଜିଉଁନ୍ତିଆ) ଶନିବାର ରାତିରେ ପଶ୍ଚିମଓଡ଼ିଶାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପାଳିତ ହୋଇଯାଇଛି। କରୋନା କଟକଣା ଯୋଗୁ ୨ବର୍ଷ ମାଆମାନେ ନିଜ ଘରେ ବ୍ରତ ପାଳନ କରିଥିଲେ। ଚଳିତବର୍ଷ ସ୍ଥିତି ସ୍ୱାଭାବିକ ହୋଇଛି। ଏହି କ୍ରମରେ ସମ୍ବଲପୁର ସହରର ନନ୍ଦପଡ଼ା, ଝାଡୁଆପଡ଼ା ଆରଣ୍ୟକ ମଞ୍ଚ, ଦାନୀପାଲି, କୁଲତାପଡା, ରାମଗଡ ପଡା, ଧରିତ୍ରୀ ଲେନ୍, ଦେହେରିପାଲି, ବିମଳହୋତା ଗଳି, ମୁଦିପଡା ଜଗନ୍ନାଥ ମନ୍ଦିର, ଠାକୁରପଡା, ବୁଢ଼ାରଜା, ବେହେରାମୁଣ୍ଡା, ଦଶମତୀ କଲୋନୀ ସମେତ ବିଭିନ୍ନ ଆପାର୍ଟମେଣ୍ଟ ଓ ଛକରେ ପୋ ଜିଉଁନ୍ତିଆ ପୂଜାର୍ଚ୍ଚନା ହୋଇଛି। ମାଆମାନେ ନିଷ୍ଠାର ସହ ଦେବୀ ଦୂତିବାହନଙ୍କୁ ପୂଜାର୍ଚ୍ଚନା କରିଛନ୍ତି। ଗୋଧୂଳି ଲଗ୍ନରେ ମାଆମାନେ ନଦୀ, ପୋଖରୀରେ ପୂଜାର୍ଚ୍ଚନା କରି ରାତିରେ ଗାଁ ମଝିରେ ସୁସଜ୍ଜିତ ପୂଜା ମଣ୍ଡପରେ ସମବେତ ହୋଇଥିଲେ। ଗ୍ରାମର ବୟସ୍କା ବ୍ରାହ୍ମଣ ମହିଳା ଦୂତିବାହନ ଦେବୀଙ୍କୁ ପୂଜା କରିବା ପରେ ପଣ୍ଡିତ ପୋ ଜିଉଁନ୍ତିଆ କାହାଣୀ ଗାନ କରିଥିଲେ। ଏହାପରେ ବ୍ରତଧାରୀ ଘରକୁ ଫେରିଥିଲେ।

## ଡିଏଚ୍‌ଏଚ୍‌ରେ ଆଇସିୟୁ ବ୍ୟବସ୍ଥା କରିବାକୁ ଦାବି

**ସମ୍ବଲପୁର, ୧୭ା୯(ବ୍ୟୁରୋ)**

ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ରେ ବିଭିନ୍ନ ସମସ୍ୟା ସମାଧାନ ସହ ଆଇସିୟୁ ବ୍ୟବସ୍ଥା କରିବାକୁ ବିଜେଡିର ଏକ ପ୍ରତିନିଧି ଦଳ ସିଡିଏମ୍‌ଓଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ବିଜେଡି ରାଜ୍ୟ ସହସମ୍ପାଦକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ସିଡିଏମ୍‌ଓ ପଙ୍କଜ ପଟେଲଙ୍କ ସହ ଆଲୋଚନା କରିଥିଲେ। ଡିଏଚ୍‌ଏଚ୍‌ରେ ସମ୍ବଲପୁର ମହାନଗର ନିଗମର ପ୍ରାୟ ସାଢେ ୩ ଲକ୍ଷ ଲୋକଙ୍କ ସହ କୁଚିଣ୍ଡା, ରେଢ଼ାଖୋଲ, ରେଙ୍ଗାଲି ଅଞ୍ଚଳର ରୋଗୀ ନିର୍ଭର କରିଥାନ୍ତି। କୋଭିଡ ସମୟରେ ୩୦ ଗୋଟି ଆଇସିୟୁ ବ୍ୟବହାର କରାଯାଉଥିଲା। ପରେ ଏହା ୮୫କୁ ବୃଦ୍ଧି କରାଯାଇଥିଲା। ହେଲେ ସବୁ ଆଇସିୟୁ ଅଚଳାବସ୍ଥାରେ ପଡିରହିଛି। ଅତିଶୀଘ୍ର ସମସ୍ତ ଆଇସିୟୁ କାର୍ଯ୍ୟକ୍ଷମ କରିବା, ଟ୍ରମା କେୟାର ୟୁନିଟ୍ ଶୀଘ୍ର ସମାପନ କରିବା, ଏକ୍ସରେ ଓ ଇସିଜି ୟୁନିଟ୍‌ରେ ଜେନେରେଟର ବ୍ୟବସ୍ଥା, ସିଟି ସ୍କାନ ଆରମ୍ଭ, କୁଚିଣ୍ଡା-ରେଢ଼ାଖୋଲ ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତର ପଦବୀ ପୂରଣ, କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ୫୦ ଶଯ୍ୟା ବିଶିଷ୍ଟ ନୂତନ କୋଠାଘର ନିର୍ମାଣ, ହୀରାକୁଦ ସହର ଡାକ୍ତରଖାନାରେ ଖାଲି ଥିବା ପଦବୀ ପୂରଣ, ଭୋଜପୁର, ଜମନକିରା, ଲଇଡା ଡାକ୍ତରଖାନାର ଉନ୍ନତୀକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଉପରୋକ୍ତ ଦାବି ଉପରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ସ୍ୱାସ୍ଥ୍ୟ ବିଭାଗ ସଚିବ ଓ ସମ୍ବଲପୁର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆଲୋଚନାରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋକୁଳ ମେହେର, ଛାତ୍ର ବିଜେଡ଼ି ସମ୍ବଲପୁର ଜୋନ୍ ସଭାପତି ମିଳନ ହୋତା, ଜୋନ୍ ଉପସଭାପତି ଦେବ ଜ୍ୟୋତି ପଟ୍ଟନାୟକ, ଯୁବ ବିଜେଡ଼ି ଜିଲା ସମ୍ପାଦକ ପ୍ରଶାନ୍ତ ଥାପା, ସମ୍ପାଦକ ନିଶିକାନ୍ତ ବିଶ୍ୱାଳ, ଛାତ୍ର ବିଜେଡ଼ି ଜିଲା ଉପସଭାପତି ସୁମିତ ପଟେଲ, ସମ୍ପାଦକ ଟୁମନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ସିଡିଏମଓଙ୍କୁ ଭେଟି ଆଲୋଚନା କରୁଛନ୍ତି ବିଜେଡି କର୍ମକର୍ତ୍ତା।

## ଶିଳ୍ପସଂସ୍ଥାର ମେରୁଦଣ୍ଡ ଆଇଟିଆଇ ଛାତ୍ରୀଛାତ୍ର

**ସମ୍ବଲପୁର, ୧୭ା୯(ବ୍ୟୁରୋ)**

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକରେ ରାସନପୁର ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ଶନିବାର ବାର୍ଷିକ ସମାବର୍ତ୍ତନ ଉତ୍ସବ ଓ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ଉତ୍ସବରେ ଆଦିତ୍ୟ ଆଲୁମିନିୟମ ପ୍ଲାଣ୍ଟ ସଭାପତି ସମୀର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଇଟିଆଇ ଛାତ୍ରୀଛାତ୍ର ଶିଳ୍ପ ସଂସ୍ଥାନର ମେରୁଦଣ୍ଡ ବୋଲି ଅଭିହିତ କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ଲାଣ୍ଟ ମୁଖ୍ୟ ଘନଶ୍ୟାମ ପରିଡ଼ା ଯୋଗଦେଇ ଜ୍ଞାନ ଓ ଦକ୍ଷତା ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ତାଲିମ ଅଧିକାରୀ ପ୍ରତାପ କୁମାର ମେହେର ଆର୍ଥିକ ଦୁର୍ବଳ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ କିପରି ଗୁଣାତ୍ମକ ଶିକ୍ଷା ଓ ନିଯୁକ୍ତି ପ୍ରଦାନ କରାଯାଉଛି ସେ ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ଶେଷରେ ଅତିଥିମାନେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସେହିପରି ହୀରାକୁଦ ଆଇଟିଆଇ କଲେଜରେ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଇଂ ସଚ୍ଚିଦାନନ୍ଦ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ସହକାରୀ ତାଲିମ ଅଧିକାରୀ ଦେବରାଜ ଗୌଡ ପରିଚାଳନା କରିଥିଲେ। ପରୀକ୍ଷା ନିୟନ୍ତ୍ରକ ତଥା ତାଲିମ ଅଧିକାରୀ କୃଷ୍ଣା କୁମାରୀ ନାୟକ ଧନ୍ୟବାଦ ଦେଇଥିଲେ।

## ସାମାଜିକ ଅନୁଷ୍ଠାନର ସହାୟତାକୁ ମନେ ପକାଇଲେ ସୁହାନାଙ୍କ ପରିବାର

**ସମ୍ବଲପୁର, ୧୭ା୯(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ରେମେଡର ୬ ବର୍ଷର ବାଳିକା ସୁହାନା ନାୟକ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରୁ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହାଙ୍କ ପରିଚାଳିତ ସାମାଜିକ ଅନୁଷ୍ଠାନ ସହାୟତାରେ ସେ ସୁସ୍ଥ ହୋଇଥିବା କହିଛନ୍ତି। ସୂଚନାଯୋଗ୍ୟ, ସୁହାନା ଗତ ଜୁନରେ ଶୀତଳଷଷ୍ଠୀ ଯାତ୍ରା ସମୟରେ ଠାକୁରଙ୍କୁ ଦର୍ଶନ କରି ପରିବାର ସହ ଘରକୁ ଫେରୁଥିବାବେଳେ ଏକ କାର୍ ଧକ୍କାରେ ଗୁରୁତର ହୋଇପଡିଥିଲେ। ତାଙ୍କୁ ସାମାଜିକ ଅନୁଷ୍ଠାନର ସଦସ୍ୟମାନେ ପ୍ରଥମେ ବୁର୍ଲା ଭିମ୍‌ସାରକୁ ନେଇଥିଲେ। ଘରୋଇ ମେଡିକାଲରେ ଚିକିତ୍ସା ସୁହାନାଙ୍କ ପାଇଁ ସ୍ୱପ୍ନ ହୋଇଥିବାବେଳେ ସାମାଜିକ ଅନୁଷ୍ଠାନ ସହାୟତାର ହାତ ବଢାଇଥିଲା। ତାଙ୍କ ପରିବାରର ବିଜୁ ସ୍ୱାସ୍ଥ୍ୟକାର୍ଡ ଥିବା ଜାଣିବା ପରେ ଅନୁଷ୍ଠାନର ପରିଚାଳକ ସାହା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଏ ସମ୍ପର୍କରେ ଅବଗତ କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ମଧ୍ୟ ବିଜୁ ସ୍ୱାସ୍ଥ୍ୟକାର୍ଡରେ ଘରୋଇ ମେଡିକାଲରେ ଚିକିତ୍ସା ହୋଇପାରିବେ ବୋଲି ପରାମର୍ଶ ଦେଇଥିଲେ। ୧୮ ଦିନ ଧରି ଘରୋଇ ମେଡିକାଲରେ ଚିକିତ୍ସିତ ହୋଇ ସୁହାନା ଘରକୁ ଫେରିଥିଲେ। ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ ଯୋଜନା ଓ ସ୍ୱାସ୍ଥ୍ୟମନ୍ତ୍ରୀ ଦାସଙ୍କ ହସ୍ତକ୍ଷେପ ଯୋଗୁ ସୁହାନାଙ୍କୁ ସୁସ୍ଥ କରିପାରିଲୁ ବୋଲି ଅନୁଷ୍ଠାନ ପରିଚାଳକ ସାହା କହିଛନ୍ତି।

## ସ୍ୱଚ୍ଛତା ୱାରିଅର ଭାବେ ଯୋଗଦେଲା ଏସ୍‌ଏମ୍‌ସି



ଜିରୋପଏଣ୍ଟରେ ମହାନଗର ନିଗମର ସଫେଇ କାର୍ଯ୍ୟକ୍ରମ।

**ସମ୍ବଲପୁର, ୧୭ା୯(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଏସ୍‌ଏମ୍‌ସି ସ୍ୱଚ୍ଛତା ୱାରିଅର ଭାବେ ଯୋଗଦେଇ ଶନିବାରଠାରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି। ସରକାରଙ୍କ ଆୟୋଜିତ ଇଣ୍ଡିଆନ ସ୍ୱଚ୍ଛତା ଲିଗ୍ ୨୦୨୨ରେ ସାମିଲ ହୋଇଛି। ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ। ଏସ୍‌ଏମ୍‌ସି ପ୍ରବର୍ତ୍ତନ ଅଧିକାରୀ ଶୁଭଙ୍କର ମହାନ୍ତି କହିଛନ୍ତି, ସରକାରଙ୍କ ପକ୍ଷରୁ ସ୍ୱଚ୍ଛତା ଉପରେ ସଚେତନ କରିବା ଓ ପରିବେଶ ସ୍ୱଚ୍ଛ ରଖିବା ପାଇଁ କାର୍ଯ୍ୟକ୍ରମ କରାଯାଉଛି। ଏସ୍‌ଏମ୍‌ସି ସାମିଲ ହୋଇ ପ୍ରଥମ ଦିନରେ ହୀରାକୁଦ ଜିରୋପଏଣ୍ଟରେ ସଫେଇ କରିଥିଲା। ଏଥିରେ ଯୁବତୀଯୁବକ ଓ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ସାମିଲ ହୋଇଥିଲେ। ସନ୍ଧ୍ୟାରେ ଇଷ୍ଟଦେବୀ ମା' ସମଲେଶ୍ୱରୀ ମନ୍ଦିର ପାର୍ଶ୍ୱରେ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇ ସ୍ୱଚ୍ଛତା ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ, କଲେଜ, କ୍ଲବ, ମହିଳା ଏସ୍‌ଏଚ୍‌ଜି, ଯୁବବର୍ଗଙ୍କୁ ସାମିଲ କରାଯିବା ଯୋଜନା ରହିଛି। ଏହି ଅବସରରେ ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ, ଆସିଷ୍ଟାଣ୍ଟ କମିଶନର ରୁକ୍ମଣ ମେହେର, ବିଶ୍ୱମୋହନ ଜେନା, ଏନ୍‌ଏସ୍‌ସିବି କଲେଜର ଛାତ୍ରୀଛାତ୍ର, ଏନ୍‌ଏସ୍‌ଏସ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଯୁବକଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ବେରୋଜଗାର ଦିବସ

### ପକୁଡ଼ି ଛାଣି ଅଭିନବ ଢ଼ଙ୍ଗରେ ବିକ୍ଷୋଭ



ଯୁବ କଂଗ୍ରେସ କର୍ମକର୍ତ୍ତା ପକୁଡ଼ି ଛାଣି ଅଭିନବ ଢ଼ଙ୍ଗରେ ବିକ୍ଷୋଭ କରୁଛନ୍ତି।

**ସମ୍ବଲପୁର, ୧୭ା୯(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁବ କଂଗ୍ରେସ ପକ୍ଷରୁ ନିଆରା ଢ଼ଙ୍ଗରେ ରାଷ୍ଟ୍ରୀୟ ବେରୋଜଗାର ଦିବସ ପାଳନ କରାଯାଇଛି। ଶନିବାର କର୍ମକର୍ତ୍ତାମାନେ ଗୋଲବଜାର ଛକଠାରେ ବିକ୍ଷୋଭ କରି କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଦେଶରେ ବେରୋଜଗାର ସଂଖ୍ୟା ବଢ଼ିବାରେ ଲାଗିଛି। ଉଚ୍ଚଶିକ୍ଷିତ ଯୁବତୀଯୁବକ ଚାକିରି ନ ପାଇ ଚାପଗ୍ରସ୍ତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ନିଯୁକ୍ତିକୁ ଗୁରୁତ୍ୱ ଦେବା ଜରୁରୀ ବୋଲି ବିକ୍ଷୋଭକାରୀ କହିଛନ୍ତି। ପ୍ରତିକାତ୍ମକ ଭାବେ ଯୁବ କଂଗ୍ରେସ କାର୍ଯ୍ୟକର୍ତ୍ତା ଯୋତା ପୋଲିସ କରିବା ସହ ପକୁଡ଼ି ଛାଣି ବାଣ୍ଟି ଦେଇଥିଲେ। ସମ୍ବଲପୁର ଯୁବ କଂଗ୍ରେସ ସଭାପତି ପ୍ଲାବନ ବହିଦାରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ରାଜ୍ୟ ସମ୍ପାଦକ ଆଶୁତୋଷ ସ୍ୱାଇଁ, ସମ୍ବଲପୁର ଟାଉନ ସଭାପତି ମୋହନ ସାହା, ବିଧାନସଭା ଅଧ୍ୟକ୍ଷ ସେଖ ହସିମ, ସୋସିଆଲ ମିଡିଆ ସମନ୍ୱୟର ଅଂଶୁମାନ ନନ୍ଦ ଓ ନିଳକଣ୍ଠ ମେସୁଆ, ମୁକେଶ ସାହୁ ପ୍ରମୁଖ ସାମିଲ ଥିଲେ।

## ଭାଜପା ପକ୍ଷରୁ ବୃକ୍ଷରୋପଣ, ରକ୍ତଦାନ ଶିବିର

**ଝାରସୁଗୁଡା ଅଫିସ, ୧୭ା୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୨ତମ ଜନ୍ମ ଦିବସ ଅବସରରେ ଭାଜପା ତରଫରୁ ଜିଲାରେ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡା ବ୍ଲକ୍ କାତିକେଲା ଗ୍ରାମର ଶିବମନ୍ଦିର ପରିସରରେ ଝାରସୁଗୁଡା ଗ୍ରାମୀଣ ମଣ୍ଡଳ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲେ। ଏଥିରେ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି, ଜିଲା ସାଧାରଣ ସମ୍ପାଦକ ବିମଳେନ୍ଦୁ ଭୋଳ, ଜିଲା ସମ୍ପାଦକ ପୁରୁଷୋତ୍ତମ ଥିରାନୀ, ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ସାଧାରଣ ସମ୍ପାଦକ ବବୁଲ୍ ସିଂ, ବିହାରୀ ଓରାମ, ବେଦବ୍ୟାସ ସାହୁ, ଯଶ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଲଖନପୁର ବ୍ଲକ୍ ୧୯ଖଣ୍ଡ ମୌଜା ଚାରପାଲି ପଞ୍ଚାୟତ କାର୍ଯ୍ୟାଳୟରେ ଭାଜପା ଯୁବମୋର୍ଚ୍ଚା ପଞ୍ଚଗାଁ ମଣ୍ଡଳ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୀର୍ଘାୟୁ କାମନା କରାଯାଇଥିଲା। ଶିବରରେ ସମୁଦାୟ ୪୧ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମ ଯୁବମୋର୍ଚ୍ଚା ସଭାପତି ନିମାଇ ସାହୁଙ୍କ ନେତୃତ୍ୱ ଓ ମଣ୍ଡଳ ସଭାପତି କୁନ୍ଦନ ସିଂହଦେଓଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସଭାପତି ମଙ୍ଗଳ ସାହୁ, ଭାଜପା ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ବିଶ୍ୱଜିତ ଷଡଙ୍ଗୀ, ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ କ୍ରିଷ୍ଣା ମୁରାରୀ ସିଂହ, ଯୁବମୋର୍ଚ୍ଚା ଜିଲା ସଭାପତି ମହେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



## ମହାବିଦ୍ୟାଳୟରେ ଆଲୋଚନଚକ୍ର

**ନାକଟିଦେଉଳ, ୧୭ା୯(ଡି.ଏନ.ଏ.)**

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଆନୁକୂଲ୍ୟରେ ଶନିବାର ସ୍ୱର୍ଗତ ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ରଚିତ ଭୁଖା ନାଟକ ଓ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ ଏହାର ଚଳଚ୍ଚିତ୍ର ରୂପରେ ତୁଳନାତ୍ମକ ଅଧ୍ୟୟନ ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାପକ ଡ଼. ଦୀପେନ କୁମାର ପଟ୍ଟନାୟକ ଯୋଗଦେଇ ଭୁଖା ନାଟକ ଓ ଚଳଚ୍ଚିତ୍ର ମଧ୍ୟରେ ରହିଥିବା ସାମଞ୍ଜସ୍ୟ ଉପରେ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା ନାଟ୍ୟକାର ମଙ୍ଗଳୁଚରଣଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀ ଆଭାସିନୀ ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ଦୀନେଶ ମାଝି ଧନ୍ୟବାଦ ଦେଇଥିଲେ।

## ସମଲେଇ ପୀଠରେ ଷୋଡଶ ପୂଜାରମ୍ଭ

**ସମ୍ବଲପୁର, ୧୭ା୯(ବ୍ୟୁରୋ)**

ମୂଳାଷ୍ଟମୀ ତିଥିରୁ ସମଲେଇ ପୀଠରେ ରୀତିନୀତି ସହ ଷୋଡଶ ପୂଜା ଆରମ୍ଭ ହୋଇଛି। ସକାଳ ଆଳତି ପରେ ଦେବୀଙ୍କଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା। ଘଣ୍ଟ, ଶଙ୍ଖ, ଦୁଲଦୁଲି ବାଦ୍ୟରେ ଭକ୍ତିମୟ ହୋଇଥିଲା ଶକ୍ତିପୀଠ। ଦୁର୍ଗା ରୂପେ ସମଲେଇଙ୍କୁ ପୂଜାର୍ଚ୍ଚନା କରି କାକରା ପିଠା ଭୋଗ ଅର୍ପଣ ହୋଇଛି। ରବିବାରଠାରୁ କ୍ରମାନ୍ୱୟରେ ଦେବୀ ସମଲେଇଙ୍କୁ ଷୋହଳ ଜ୍ୟୋତି ଯଥା ନାରାୟଣୀ, ଇସାନୀ, ବିଷ୍ଣୁମାୟା, ଶିବା, ସତୀ, ନିତ୍ୟା, ସତ୍ୟା, ଭଗବତୀ, ସର୍ବାଣୀ, ସର୍ବମଙ୍ଗଳା, ଅମ୍ବିକା, ବୈଷ୍ଣବୀ, ଗୌରୀ, ପାର୍ବତୀ ଓ ସନାତନୀ ରୂପେ ପୂଜାର୍ଚ୍ଚନା କରାଯିବ। ସୂଚନାଯୋଗ୍ୟ ସମ୍ବଲପୁର ଚୌହାନ ରାଜା ବଳରାମ ଦେବଙ୍କ ରାଜତ୍ୱ କାଳରେ ପୂଜାରମ୍ଭ ହୋଇଥିଲା। ଦେବୀଙ୍କଠାରେ ଚଣ୍ଡ (ଭୋଗ) ଅର୍ପଣ ପରେ ନିଷ୍ଠାବାନ ବ୍ରାହ୍ମଣଙ୍କୁ ପ୍ରଦାନ କରି ରାଜା ସ୍ୱୟଂ ଭୋଗ ଗ୍ରହଣରେ ଉପବାସ ଭଙ୍ଗ କରୁଥିଲେ। ପରମ୍ପରାକୁ ବଜାୟ ରଖି ସମଲେଇ ମନ୍ଦିର ମୁଖ୍ୟପୂଜକ ୧୬ଦିନ ପର୍ଯ୍ୟନ୍ତ ଉପବାସ ରହିଥାନ୍ତି। ସେ ରାତ୍ରିରେ ଦେବୀଙ୍କଠାରେ ଅର୍ପଣ ଭୋଗକୁ ଗ୍ରହଣ କରିଥାନ୍ତି। ମହାଳୟା ତିଥିରେ ଦେବୀ ଧବଳମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଆଶ୍ୱିନ ପୂର୍ଣ୍ଣିମା ତିଥିରେ ଦେବୀଙ୍କ ରାଜରାଜେଶ୍ୱରୀ ବେଶ ଓ ନୂତନ ଧ୍ୱଜାରୋହଣ ନୀତି ହୋଇଥାଏ।



ଇଷ୍ଟଦେବୀ ସମଲେଇ।

**ଲୋକଉନ୍ନତି ସଂଗଠନର ସଚେତନତା କାର୍ଯ୍ୟକ୍ରମ**

ଦେଓଗାଁ,(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିଂହାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଖଲିଆପାଲିରେ ଲୋକଉନ୍ନତି ସଂଗଠନର ତରଫରୁ ସଚେତନତାଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ୱେଚ୍ଛାସେବୀ ପୀତାମ୍ବର ପଧାନ ଓ ରୂପାଧର ପୁଟାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫରେଷ୍ଟ ରାଇଟ ଆକ୍ଟ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଭତ୍ତା ଯୋଜନା ଉପରେ ଲୋକଙ୍କୁ ସଚେତନତା କରାଯାଇଥିଲା । ଏ ଅବସରରେ ଦେଓଗାଁ ବ୍ଲକ ତଥା ବ୍ଲକ ବାହାରୁ ମଧ୍ୟ କିଛି ସ୍ୱେଚ୍ଛାସେବୀ ଯୋଗଦେଇଥିଲେ ।

## ସଂକ୍ଷେପରେ

### ଅଙ୍ଗନୱାଡି କେନ୍ଦ୍ର ପାଚେରି ନାହିଁ

**କଣ୍ଟାବାଞ୍ଜି,୧୭।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ସଦର ମହକୁମାରେ ଥିବା ଅଙ୍ଗନୱାଡି(କ)କେନ୍ଦ୍ର ଅବ୍ୟବସ୍ଥା ମଧରେ ଗତି କରୁଛି। କେନ୍ଦ୍ରର ପାଚେରି ନ ଥିବାରୁ ବୁଲାଗୋରୁ ଅବାଧରେ ବିଚରଣ କରୁଛନ୍ତି। ତୁରେକେଲା-ଘୁନେଶ ମୁଖ୍ୟ ସଡକ କଡରେ କେନ୍ଦ୍ରଟି ଥିବାରୁ ପିଲାମାନେ ବିପଦସଙ୍କୁଳ ଅବସ୍ଥାରେ ଚଳପ୍ରଚଳ କରୁଛନ୍ତି। ୨୦୧୭-୧୮ ଆର୍ଥିକ ବର୍ଷରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ନିର୍ମାଣ ପରଠାରୁ ଆଉ କୌଣସି ଉନ୍ନତୀକରଣ କାମ କରାଯାଇ ନାହିଁ । ଅବିଳମ୍ବେ ପାଚେରି ନିର୍ମାଣ ପାଇଁ ସ୍ଥାନୀୟ ସମିତି ସଭ୍ୟ ପ୍ରମୋଦ ମହାପାତ୍ର ଦାବି କରିଛନ୍ତି। ଆଗାମୀ ପଞ୍ଚାୟତ ସମିତି ବୈଠକରେ ସେ ଏ ନେଇ ପ୍ରଶ୍ନ ଉଠାଇବେ ବୋଲି କହିଛନ୍ତି।

### ରକ୍ତଦାନ ଅମୃତ ମହୋତ୍ସବ

**ଟିଟିଲାଗଡ଼,୧୭।୯(ଡି.ଏନ.ଏ.):** ଟିଟିଲାଗଡ଼ ସହର ଜୈନ ଭବନରେ ଶନିବାର ତେରାପନ୍ଥ ଯୁବକ ପରିଷଦ ତତ୍ତ୍ୱାବଧାନରେ ରକ୍ତଦାନ ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ମନୋଜ ସତ୍ୟୱାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜୈନ ମୁନୀ ରମେଶ କୁମାର ଜୀ, ମୁନି ରତନ କୁମାର, ପୌରାଧକ୍ଷା ମମତା ଜୈନ, ନବୀନ ଜୈନ ପ୍ରମୁଖଙ୍କ ଗହଣରେ ଶିବିରକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଦସ୍ୟ ନରସିଂହ ସିଂଙ୍କ ସମେତ ୪୮ଜଣ ରକ୍ତଦାନ କରିଥିଲେ। ସ୍ଥାନୀୟ ଏଚଡ଼ିଏଫସି ବ୍ୟାଙ୍କ ପକ୍ଷରୁ ସମସ୍ତ ରକ୍ତଦାତାଙ୍କୁ ଉପହାର ପ୍ରଦାନ କରାଯାଇଥିଲା ।

### ସୁରେଶ କୁମାର ଭୋଇ ଆତ୍ମା ଅଧକ୍ଷ ନିର୍ବାଚିତ

**ମୁରିବାହାଲ,୧୭।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ କୃଷି



ସୂଚନା ଓ ପରାମର୍ଶ କେନ୍ଦ୍ର(ଆତ୍ମା)ର ଅଧକ୍ଷଭାବେ ସୁରେଶ କୁମାର ଭୋଇ ନିର୍ବାଚିତ ହୋଇଛନ୍ତି। ଶନିବାର ଆତ୍ମା କମିଟିର ବୈଠକ ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେରଙ୍କ ଅଧକ୍ଷତାରେ ଆତ୍ମା କାର୍ଯାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟିର ମୋଟ ୨୨ସଭ୍ୟଙ୍କ ମଧ୍ୟରୁ ୨୦ଜଣ ଉପସ୍ଥିତ ଥିଲେ। ପ୍ରଥମେ ସହମତିରେ ଜଣକୁ ଅଧକ୍ଷ ଭାବେ ମନୋନୀତ କରିବା ପାଇଁ ବିଚାରବିମର୍ଶ ହୋଇଥିଲା। ହେଲେ କୌଣସି ନିଷ୍କର୍ଷ ନ ବାହାରିବାରୁ ସଦସ୍ୟମାନଙ୍କ ମଧ୍ୟରେ ନିର୍ବାଚନ ହୋଇଥିଲା। ୩ଜଣ ପ୍ରାର୍ଥୀ ମଇଦାନରେ ଅବତୀର୍ଣ୍ଣ ହୋଇଥିଲେ। ସୁରେଶ ଭୋଇ ୯ ସଭ୍ୟଙ୍କ ସମର୍ଥନ ପାଇଥିବା ବେଳେ ବିଷ୍ଣୁନାରାୟଣ ବହିଦାର ୮ ଓ କିରାତଚନ୍ଦ୍ର ମହାକୁର ୩ଖଣ୍ଡ ଭୋଟ ପାଇଥିଲେ। ଫଳରେ ସୁରେଶ ଭୋଇ ଆତ୍ମାର ନୂତନ ଅଧକ୍ଷ ନିର୍ବାଚିତ ହୋଇଥିଲେ। ମୁରିବାହାଲ ଭାରପ୍ରାପ୍ତ ବିଏଓ ତଥା ଆତ୍ମା କନଭେନର ଅମୃତ ଲୁଗୁନଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଏଏଫଓ ସତ୍ୟବ୍ରତ ଦାସ,ଏଭିଏଏସ ଭବାନୀଶଙ୍କର ବେହେରା,ଏଏଚଓ ଯଶୋବନ୍ତ ଭୋଇ,ଏଟିଏମ ବିଶ୍ୱରଞ୍ଜନ ବେହେରା ଓ ବ୍ଲକର ସମସ୍ତ ଭିଏଡବ୍ଲୁମାନେ ଉପସ୍ଥିତ ଥିଲେ। ନବ ନିର୍ବାଚିତ ଅଧକ୍ଷଭୋଇ ସମ୍ପ୍ରତି ମୁରିବାହାଲ ବ୍ଲକ ୨୭ନ ଯୋନ ଭାଜପା ମଣ୍ଡଳ ସଭାପତି ଦାୟିତ୍ୱରେ ଅଛନ୍ତି।

### କୃଷକ ସେବା ତାଲିମ ଶିବିର

**ଲୋଇସିଂହା,୧୭।୯(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୃଷି କାର୍ଯ୍ୟାଳୟ ସଭାଗୃହରେ କୃଷି ବିଭାଗ ଓ ମୋ ସେବା କେନ୍ଦ୍ର ମିଳିତ ଆନୁକୂଲ୍ୟରେ କୃଷକ ସେବା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ପଞ୍ଚାୟତରେ କାମ କରୁଥିବା ଭିଏଲଇମାନଙ୍କୁ ନେଇ ଅନୁଷ୍ଠିତ ଶିବିରରେ ବ୍ଲକ କୃଷି ଅଧିକାରୀ ଉମାଶଙ୍କର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋ ସେବା କେନ୍ଦ୍ର ଜିଲା ଅଧିକାରୀ କ୍ରିଷ୍ଣା କୁଅଁର ଯୋଗଦେଇଥିଲେ । ରାଜ୍ୟ ସରକାରଙ୍କ କୃଷକ ଓଡିଶା ପୋର୍ଟାଲରେ ଚାଷୀମାନଙ୍କୁ କିପରି ପଞ୍ଜୀକୃତ କରାଯିବ ତାଲିମ ପ୍ରଦାନ କରାଯାଇଥିଲା। ଏଥିରୁ ଯେପରିଜଣେ ବି ଚାଷୀ ଯେପରି ବାଦ୍ ନପଡନ୍ତି ସେ ଦିଗରେ ଗୁରୁତ୍ୱ ଦେବାକୁ ଭିଏଲଇମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଗ୍ରାମ୍ୟ କୃଷି କର୍ମଚାରୀ ଏବଂ କାର୍ଯ୍ୟାଳୟର କର୍ମଚାରୀ ପ୍ରସନ୍ନ ସାହୁ ଓ ଇନ୍ଦ୍ରାନୀ ସାହୁ ଉପସ୍ଥିତ ଥିଲେ ।

# ୩୪ କନିଷ୍ଠ ସହାୟକ ପଦବୀ ଖାଲି

**ନୂଆପଡ଼ା ଜିଲା**

ନୂଆପଡ଼ା ଅଫିସ,୧୭।୯

ଆଦିବାସୀ ଅଧ୍ୟୁଷିତ ତଥା ମାଓବାଦୀ ପ୍ରବଣ ଉପାନ୍ତ ନୂଆପଡା ଜିଲାରେ ୫ଟି ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜଷ୍ଟ୍ରେଟଙ୍କ କାର୍ଯ୍ୟାଳୟ ରହିଛି। ଜନସାଧାରଣଙ୍କୁ ଅନେକ କିଛି କାର୍ଯ୍ୟ ପାଇଁ ଜିଲା କାର୍ଯ୍ୟାଳୟକୁ ଆସିବାକୁ ପଡୁନାହିଁ। ଯଦିବା ଜିଲାସ୍ତରୀୟ କାର୍ଯ୍ୟ ପାଇଁ ଜିଲା କାର୍ଯ୍ୟାଳୟକୁ ଆସୁଛନ୍ତି, ସେଠାରେ କାର୍ଯ୍ୟ ଶୀଘ୍ର ହୋଇ ପାରୁନାହିଁ। ଜିଲାପାଳଙ୍କ କାର୍ଯ୍ୟାଳୟ ଅଧୀନ ଅନେକ କାର୍ଯ୍ୟାଳୟରେ ପ୍ରାୟ ୩୪ ରୁ ଊର୍ଦ୍ଧ୍ୱ କନିଷ୍ଠ ସହାୟକ ପଦବୀ ଖାଲି ରହିଛି। ଜିଲା ମୁଖ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ସହାୟକମାନଙ୍କ ନିକଟରେ ପ୍ରତି ବିଭାଗରେ ୩ରୁ ଅଧିକ ବିଭାଗ ରହିଛି। ସେମାନଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହା ବ୍ୟତିତ ଜଣେ ବ୍ୟକ୍ତି ଉପରେ ଅତ୍ୟଧିକ କାର୍ଯ୍ୟର ବୋଝ ରହୁଥିବାରୁ ସେମାନେ ଶାରୀରିକ ତଥା ମାନସିକସ୍ତରରେ ମଧ୍ୟ ଚାପଗ୍ରସ୍ତ ହୋଇ ପଡୁଛନ୍ତି। ବର୍ତ୍ତମାନ ସମୟରେ ଜିଲା ମୁଖ୍ୟାଳୟରେ ଅନେକ ବିଭାଗ କର୍ମଚାରୀମାନେ ଦିନରାତି କଣ ଜାଣି ପାରୁନାହାନ୍ତି। ରାଜ୍ୟ ସରକାର ୫-ଟି ବିଭାଗ ଖୋଲି ସମସ୍ତ କର୍ମଚାରୀମାନଙ୍କ ଦଳଗତ ଭାବେ କାର୍ଯ୍ୟ କରିବା, ପ୍ରଯୁକ୍ତି ବିଦ୍ୟା ବ୍ୟବହାର କରିବା, ସ୍ୱଚ୍ଛତା ଅବଲମ୍ବନ କରିବା, ନୂତନ ଚିନ୍ତାଧାରା ଆଧାରରେ ରୂପାନ୍ତରିଣ କରିବା ଓ ସମୟବର୍ତ୍ତି ହେବା ଆଦିର ମନ୍ତ୍ର ଦେଉଥିବା ବେଳେ କର୍ମଚାରୀମାନେ କାର୍ଯ୍ୟ ବୋଝରେ ସମୟ ଜ୍ଞାନ ଭୁଲି ଗଲେଣି। ସକାଳ ୧୦ ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲୁଥିବା ସରକାରୀ କାର୍ଯ୍ୟାଳୟ ବର୍ତ୍ତମାନ ସକାଳ ୭ଟାରୁ ରାତି ୧୦/୧୧ଟା ପର୍ଯ୍ୟନ୍ତ ଚାଲୁଥିବା ମଧ୍ୟ ଦେଖିବାକୁ ମିଳୁଛି। ସରକାର ମୋ ସରକାର ଯୋଜନାରେ ଜନସାଧାରଣ ନିକଟରେ ପ୍ରଶାସନକୁ ପହଞ୍ଚାଇବା ପାଇଁ ଡିଣ୍ଡିମପିଟୁ ଥିବାବେଳେ ସେହି ଅନୁସାରେ ଆବଶ୍ୟକ କର୍ମଚାରୀ ନିଯୁକ୍ତି କରି ପାରୁନାହାନ୍ତି। ହେଲେ ସରକାରଙ୍କ ୫-ଟି ଯୋଜନା ମୁଖରେ ଧରିବା ପାଇଁ ସୁନ୍ଦର ଲାଗୁଥିବା ବେଳେ କାର୍ଯ୍ୟରେ ଶୂନ।

# ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର



ଶିବିର ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥି ।

କଣ୍ଟାବାଞ୍ଜି,୧୭।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିଏନଏସିସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଶନିବାର ସ୍ଥାନୀୟ ନୋଡାଲ ସ୍କୁଲ ପରିସରରେ ହୋଇଯାଇଛି। କାର୍ଯ୍ୟକ୍ରମକୁ ଏନଏସି ନଗରପାଳ ବରିୟାମ ସିଂ ସାଲୁଜା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉପାଧ୍ୟକ୍ଷା ମନୋରମା ରାଉତ, ଏନଏସି ନିର୍ବାହୀ ଅଧିକାରୀ ନିରଞ୍ଜନ ଧଳ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବ ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ହେମାନନ୍ଦ ବିଶ୍ୱାଳ, କାଉନସିଲର ଲଳିତ ଅଗ୍ରୱାଲ ମଞ୍ଚାସୀନ ଥିଲେ । ଶିବିରରେ ୨୭୨ଜଣ ଶାରିରୀକ ବିକଳାଙ୍ଗ, ୬୩ ଚକ୍ଷୁ ବାଧିତା ରୋଗୀ, ୩୨ ମାନସିକ ବିକାରଗ୍ରସ୍ତ, ୭୨ଶ୍ରବଣ ବାଧିତ ଓ ଅନ୍ୟାନ୍ୟ ୪୬ଜଣଙ୍କୁ ଚିହ୍ନଟ କରିବା ସହ ପରୀକ୍ଷା କରାଯାଇଛି। ଶିବିରରେ କୋଭିଡ ଭ୍ୟାକସିନର କୌଣସି ବ୍ୟବସ୍ଥା କରାଯାଇ ନଥିଲା। ଏଥିସହ ନିର୍ବାହୀ ଅଧିକାରୀ କାଉନସିଲରମାନଙ୍କୁ ମଞ୍ଚାସୀନ ହେବା ପାଇଁ ସମ୍ବୋଧିତ ନ କରିବାରୁ କାଉନସିଲରମାନେ କ୍ଷୋଭ ପ୍ରକାଶ କରିଥିଲେ। ଏନଏସି କମ୍ୟୁନିଟି ଅର୍ଗାନାଇଜର ସୋହେଲିକା ନନ୍ଦ, ଅଜୟ କୁମାର ବାଗ, ବୈଦ୍ୟନାଥ ଖମାରି, ଅନିଲ ବେହୁରିଆ, ସ୍ୱଚ୍ଛସାଥୀ, ସୁପରଭାଇଜର, ଆଙ୍ଗନୱାଡି କର୍ମୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୋକ୍‌ସୋ ଆଇନ ସଚେତନତା




ଶିବିରରେ ମଞ୍ଚାସୀନ ବିଚାରପତି ଓ ଅତିଥି ।

ଟିଟିଲାଗଡ,୧୭।୯(ଡି.ଏନ.ଏ.)

**୯୫ ପ୍ରତିଶତ ଶିଶୁ ସମ୍ପର୍କୀୟଙ୍କ ଶାରୀରିକ ଉତ୍ପୀଡ଼ନର ଶିକାର**

ଟିଟିଲାଗଡ଼ ତାଲୁକ ଆଇନ ସେବା ସମିତି ପକ୍ଷରୁ ଶନିବାର ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟରେ ପୋକ୍‌ସୋ ଆଇନ ଏବଂ ପୀଡିତାଙ୍କୁ ସହାୟତା ନେଇ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି। ସମିତି ଅଧକ୍ଷ ତଥା ଅତିରିକ୍ତ ଜିଲା ଦୌରା ଏବଂ ସେସନ ବିଚାରପତି ରାଜକିଶୋର ମହାପାତ୍ର ଯୋଗଦେଇ ଶିଶୁଙ୍କ ସୁରକ୍ଷା ତଥା ଯୌନ ଉତ୍ପୀଡ଼ନ ଭଳି ମାମଲାରେ ପୋକ୍‌ସୋ ଆଇନରେ ଫାଶୀ ତଥା ଆଜୀବନ ଜେଲ ଭଳି କଡା ଦଣ୍ଡ ପ୍ରାବଧାନ ରହିଥିବା କହିଥିଲେ । ଏନେଇ ପୀଡ଼ିତାଙ୍କୁ ଜାତୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ୭ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁକମ୍ପାମୂଳକ ଆର୍ଥିକ ସହାୟତା ପ୍ରଦାନ ବ୍ୟବସ୍ଥା ରହିଛି। ତେବେ ପ୍ରାୟ ୯୫ ପ୍ରତିଶତ ଶିଶୁ ନିଜ ପରିଚିତ, ସମ୍ପର୍କୀୟଙ୍କ ଦ୍ୱାରା ଶାରୀରିକ ଉତ୍ପୀଡ଼ନର ଶିକାର ହେଉଥିବା ବେଳେ ସମାଜ ଏଥିପ୍ରତି ସଜାଗ ରହିବାକୁ ବିଚାରପତି ମହାପାତ୍ର ପରାମର୍ଶ ଦେଇଥିଲେ । ଶିବିରରେ ସିନିୟର ସିଭିଲ ଜଜ୍ ରମାକାନ୍ତ ମହାନ୍ତି, ଏସ୍‌ଡିଜେଏମ ଅନ୍ନପୂର୍ଣ୍ଣା ଷଡ଼ଙ୍ଗୀ, ଜେଏମ୍‌ଏଫସି ଲିପ୍ସା ରାଉତ, ସମିତି ରିଟେନର ଜୟନ୍ତ ପଣ୍ଡା, ଆଇସିଡିଏସ ସୁପରଭାଇଜର ପୂର୍ଣ୍ଣିମା ବୈଠାରୁ ଶିଶୁଙ୍କ ପ୍ରତି ଶାରୀରିକ ଉତ୍ପୀଡ଼ନର ପ୍ରକାର ଭେଦ, ଅଭିଯୋଗ ଦାଖଲର ପ୍ରକ୍ରିୟା ତଥା ଶିଶୁ ସୁରକ୍ଷା ନେଇ ଆଲୋଚନା କରିଥିଲେ । ଜୀବର୍ଦ୍ଧନ ଛତ୍ରିଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବାଳିକା ହାଇସ୍କୁଲ ଲିଗାଲ ଲିଟରେସି କ୍ଲବ ମୁଖ୍ୟ ସଂଯୁକ୍ତା ସାହୁ, ନାଜିନ ବେଗମ, ପାର୍ଥସାରଥୀ ପଣ୍ଡା, ରଞ୍ଜିତା ନାଗ, ମନୋଜ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ବନାଲି ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

### କରଡି କେଉଁଠୁ ଆସିଥିଲା ତଦନ୍ତ କରାଯିବ: ଡିଏଫ୍‌ଓ

ବଲାଙ୍ଗୀର ଅଫିସ, ୧୭।୯

ବଲାଙ୍ଗୀର ଷ୍ଟେଟ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍‌ଆଇଏଚ୍‌ଏମ୍) ପକ୍ଷରୁ ମଙ୍ଗଳବାର ଏକ ଅଭିନବ ପ୍ରୟାସ କରାଯାଇଥିଲା। ଇଣ୍ଡିଆନ ବୁକ୍‌ସ ଅଫ୍ ରେକର୍ଡସରେ ସ୍ଥାନ ପାଇବାକୁ ପଶ୍ଚିମ ଓଡିଶାରେ ବହୁଳ ଭାବେ ବ୍ୟବହୃତ ବାଉଁଶ କର୍ଡିକୁ ନେଇ ୧୦୦ ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା। କରଡି ଏକ ଜଙ୍ଗଲଜାତ ଦ୍ରବ୍ୟ। ବାଉଁଶ ଗଜାରୁ ଏହା ସଂଗ୍ରହ କରାଯାଇଥାଏ। ତେବେ ଏସଆଇଏଚ୍‌ଏମ୍ ପକ୍ଷରୁ ଏହି କର୍‌ଡି ପାଇଁ ଅନୁମତି ନିଆଯାଇ ନ ଥିବା ନେଇ ଚର୍ଚ୍ଚା ହୋଇଥିଲା। ଏହାପରେ ବଲାଙ୍ଗୀର ଡିଏଫ୍‌ଓ ନୀତିଶ କୁମାର ଏନେଇ ତଦନ୍ତ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷେ ଅନୁଷ୍ଠାନ ଅଧକ୍ଷ ସୁରେଶ କୁମାର ଏକ୍‌ନାଥ ଭେଣ୍ଡରଙ୍କଠାରୁ କରଡି ଆଣିଥିବା କହିଛନ୍ତି।

# ବିଶ୍ୱକର୍ମା ପୂଜା କମିଟିର ନୂଆଁଖାଇ ଭେଟ୍‌ଘାଟ୍



ସଭାରେ ବିଧାୟକ ମୁକେଶ ମହାଲିଙ୍ଗ ବକ୍ତବ୍ୟ ରଖୁଛନ୍ତି ।

ଲୋଇସିଂହା,୧୭।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ରୁଗୁଡିଖାଲ ୭ମ ବର୍ଷ ବିଶ୍ୱକର୍ମା ପୂଜା ଉପଲକ୍ଷେ ପୂଜା କମିଟି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଶାନ୍ତ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଧାୟକ ମୁକେଶ ମାହଲିଙ୍ଗ ମୁଖ୍ୟ ଅତିଥି, ଯୁବନେତା ଆକାଶ ମିଶ୍ର, ଡୁଡୁକା ସମବାୟ ବ୍ୟାଙ୍କ ଶାଖା ପରିଚାଳକ ସୁରୁମଣୀ ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ମହାଲିଙ୍ଗ କହିଥିଲେ ରୁଗୁଡିଖାଲ ଲୋଇସିଂହା ଓ ଆଗଲପୁର ବ୍ଲକ ସୀମାନ୍ତରେ ଅବସ୍ଥିତ। ଉଭୟ ବ୍ଲକର ୨୦ଖଣ୍ଡ ଗ୍ରାମବାସୀ ଉକ୍ତ ଛକ ଉପରେ ନିର୍ଭର କରନ୍ତି। ଏଣୁ ବିଶ୍ୱକର୍ମ ପୂଜା ଏକତାର ବାର୍ତ୍ତା ଦେଇ ଆସୁଛି ବୋଲି କହିଥିଲେ। ଏକତା ମାଧ୍ୟମରେ ଅଞ୍ଚଳର ବିକାଶ ସମ୍ଭବ ବୋଲି ସେ କହିଥିଲେ। ପରେ ସମ୍ବଲପୁରୀ ଆର୍କେଷ୍ଟ୍ରା ପରିବେଶିତ ହୋଇଥିଲା।

### ପାଟଖଣ୍ଡା ଦେବୀଙ୍କ ଷୋଳପୂଜା ଆରମ୍ଭ

ଦେଓଗାଁ,୧୭।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହାରେ ବିଜୟାଦଶମୀ ଦିନ ଦେଖାରରୁ ଆରମ୍ଭ ହେବ ଜିଲାର ପ୍ରସିଦ୍ଧ ପାଟଖଣ୍ଡା ଯାତ୍ରା। ଏହାର ଅବ୍ୟବହିତ ପୂର୍ବରୁ ଶନିବାର ପାଟଖଣ୍ଡା ଦେବୀଙ୍କ ଖଣ୍ଡାଧୁଆ ପରେ ଷୋଳପୂଜା ଆରମ୍ଭ ହୋଇଛି। ସନ୍ଧ୍ୟାରେ ସମସ୍ତ ୩୨ଦେହେରୀ ଉପସ୍ଥିତ ରହି ରୀତନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ। ପରେ ଶୋଭାଯାତ୍ରାରେ ଗାଁ ଇଷ୍ଟଦେବୀ ବୁଢ଼ିଆଇଙ୍କ ମନ୍ଦିର ଯାଇଥିଲେ । ସେଠାରେ ମୁଖ୍ୟ ପୂଜକ ଉଜଳ ଝାଙ୍କର ପୂଜାର୍ଚ୍ଚନା କରିବା ପରେ ପାଟଖଣ୍ଡା ଦେବୀଙ୍କ ମୁଖ୍ୟ ବରୁଆ ସନ୍ତୋଷ ଥନାପତିଙ୍କୁ ଆମନ୍ତ୍ରଣ କରିଥିଲେ। ପରେ ପାଟଖଣ୍ଡା ମନ୍ଦିରରେ ରୀତି ଅନୁସାରେ ଖଣ୍ଡାସ୍ନାନ କରାଯାଇଥିଲା। ମୁଖ୍ୟ ବରୁଆଙ୍କ ଶରୀରରେ ମା' ଅବିର୍ଭାବ ହେବାପରେ ଉପସ୍ଥିତ ଭକ୍ତମାନେ ଆଶୀର୍ବାଦ ଭିକ୍ଷା କରିଥିଲେ। ୩୨ ଦେହେରୀ, ମଶାଲିଆ ଶ୍ରୀବଚ୍ଛ ସାହୁ, ଡା. ସରୋଜ କୁମାର ସାହୁ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ବିଜୟା ଦଶମୀରେ ଦେଖାରରୁ ଦେବତା ବାହାରିବାପରେ ପ୍ରସିଦ୍ଧ ପାଟଖଣ୍ଡା ଯାତ୍ରା ଅନୁଷ୍ଠିତ ହେବ ବୋଲି ଆୟୋଜକ ବ୍ରଜେନ୍ଦ୍ର ନାରାୟଣ ଆଥେଲେଟିକ ଆସୋସିଏଶନ ଓ ପରିଚାଳନା କମିଟି ତରଫରୁ ସୂଚନା ଦିଆଯାଇଛି ।

# ଶୈବ ମନ୍ଦିର, ଏସ୍‌ସିଡି ଭିନ୍ନକ୍ଷମ ବିଦ୍ୟାଳୟ ସଫେଇ

**ଟିଟିଲାଗଡ଼ ପୌର ପରିଷଦର ଭାରତୀୟ ସ୍ୱଚ୍ଛତା ଲିଗ୍**

ଟିଟିଲାଗଡ, ୧୭।୯(ଡି.ଏନ.ଏ.)



କୁମୁଡା ପାହାଡସ୍ଥିତ ଶିବ ମନ୍ଦିର ସଫେଇ କରାଯାଉଛି ।

ଦେଶ ଆଜାଦିର ଅମୃତ ମହୋତ୍ସବ ଅବସରରେ ଶନିବାରଠାରୁ ଟିଟିଲାଗଡ ପୌର ପରିଷଦ ପକ୍ଷରୁ ଭାରତୀୟ ସ୍ୱଚ୍ଛତା ଲିଗ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଏନେଇ ୟୁଥ ଗାର୍ବେଜ ଫ୍ରି କାର୍ଯ୍ୟକ୍ରମ କ୍ରମେ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ, ବାଳକ ଉଚ୍ଚ ବିଦ୍ୟାଳୟ, ମହେଶ୍ୱର ହିନ୍ଦୀ ହାଇସ୍କୁଲର ଛାତ୍ରୀଛାତ୍ର ସାମିଲ ହୋଇ ପର୍ଯ୍ୟଟନ କ୍ଷେତ୍ର କୁମୁଡା ପାହାଡ଼ ଶୈବପୀଠ ସହ ଏସସିଡି ଭିନ୍ନକ୍ଷମ ବିଦ୍ୟାଳୟ ପରିସର ସଫେଇ କରିଥିଲେ। ପୌରାଧକ୍ଷା ମମତା ଜୈନ, ଉପାଧକ୍ଷା ପୁଷ୍ପାମଞ୍ଜରୀ ଜାଲ, ନିର୍ବାହୀ ଅଧିକାରୀ ବିପିନ ଦୀପ, ପୌର ପରିମଳ ଅଧିକାରୀ ଶୁଭସ୍ମିତା ଧଳ, କାଉନସିଲର ଚନ୍ଦ୍ରକାନ୍ତି ନାଗ, ଗୋପାଳକୃଷ୍ଣ ବେହେରା, ଭୁବନେଶ୍ୱର ପଟ୍ଟନାୟକ, ଟିନୁ ଅଗ୍ରୱାଲ, ଭାରତୀ ଭରାସାଗର, ସୁନିତା ଦାଶ, ସଞ୍ଜୁ ଗୋୟଲ, ମାନସ ସାହୁ, ସାବିତ୍ରୀ ବାରିକ, ସ୍ୱଚ୍ଛ ସୁପରଭାଇଜର ରିମା ବାନୁଆ ପ୍ରମୁଖ ସାମିଲ ହୋଇଥିଲେ।

# ମେଗା ରକ୍ତଦାନ ଶିବିର



ତହସିଲଦାର ରକ୍ତଦାନ କରୁଛନ୍ତି ।

ଗୁଡ଼ଭେଲା,୧୭।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁଷୁରା ତେରାପନ୍ଥ ଯୁବକ ପରିଷଦ ପକ୍ଷରୁ ଶନିବାର ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ତୁଷୁରା ତହସିଲଦାର ରବିନ୍ଦ୍ର କୁମାର ପଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ତେରାପନ୍ଥ ଯୁବକ ପରିଷଦ ଅଧକ୍ଷ ମନୋଜ ଜୈନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନ ସଭାରେ ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା ସମ୍ମାନୀତ ଅତିଥି, ବଲାଙ୍ଗୀର ରେଡ଼କ୍ରସ ସୋସାଇଟି ପୃଷ୍ଠାପୋଷକ ବିଷ୍ଣୁପ୍ରସାଦ କେଡ଼ିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ମାର୍କେଟ ଆଶୋସିଏଶସନ ଅଧକ୍ଷ ଦୀନଦୟାଲ କେଡିଆ, ଜୈନ ତେରାପନ୍ଥ ସଭା ଅଧକ୍ଷ ଅଶୋକ ଜୈନ ମଞ୍ଚାସୀନ ହୋଇଥିଲେ। ତହସିଲଦାର ପଟେଲ, ପୂର୍ବତନ ବ୍ଲକ ଅଧକ୍ଷ ଦୋରା ରକ୍ତଦାନ କରିଥିଲେ। ତୁଷୁରା ସରକାରୀ ଚିକିତ୍ସାଳୟ ଡାକ୍ତର ଲଲାଟେନ୍ଦୁ ନାୟକଙ୍କ ତତ୍ତ୍ୱାବଧାନରେ ବଲାଙ୍ଗୀର ରକ୍ତଭଣ୍ଡାର ନରେଶ ଚନ୍ଦ୍ର ମିଶ୍ର, ଶେଖ ଅବଦୁଲ ଅସରଫ, ପରମାନନ୍ଦ କୁଅଁର, ରାଜଶେଖର, ସୌମ୍ୟାରାଣୀ ସ୍ୱାଇଁ, ସାଇଲକ୍ଷ୍ମୀ ଆଚାର୍ଯ୍ୟ, ସୋନାଲି ପ୍ରଧାନ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ୨୨ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ତୁଷୁରା ଏନଏସି ଅଧକ୍ଷ ଅଜୟ କୁମାର ଜୟସ୍ୱାଲ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ରୋହିତ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ୱଟ୍ ଆଡମିଶନ ଭୁଲ ନୋଟିସ୍‌ର ସଂଶୋଧନ ହେଲା

ଲୋଇସିଂହା,୧୭।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା କଲେଜ ଯୁକ୍ତ ୨ ସ୍ୱଟ ନାମଲେଖା ପାଇଁ କଲେଜ କର୍ତ୍ତୃପକ୍ଷ ଏକ ନୋଟିସ୍ ଶନିବାର ଜାରି କରିଥିଲେ। ନୋଟିସରେ ବ୍ୟତିକ୍ରମ ଥିବା ଜାଣି କଲେଜ କର୍ମଚାରୀ ଆପତ୍ତି ଉଠାଇଥିଲେ । ଏହାପରେ କର୍ତ୍ତୃପକ୍ଷ ତ୍ରୁଟି ସଂଶୋଧନ କରି ନୂତନ ନୋଟିସ୍ ଜାରି କରିଛନ୍ତି। ଚୂଡାନ୍ତ ତାଲିକାରେ ମନୋନୀତ ଛାତ୍ରୀଛାତ୍ର ୧୯ ପରିବର୍ତ୍ତେ ୨୦ ସେପ୍ଟେମ୍ବର ଅପରାହ୍ନ ୪ଟା ସୁଦ୍ଧା ନାମ ଲେଖାଇ ପାରିବେ ବୋଲି ଦର୍ଶାଯାଇଛି। ୨୦୨୨-୨୩ ଶିକ୍ଷାବର୍ଷରେ ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨ ନାମଲେଖା ପ୍ରକ୍ରିୟା ଚାଲୁ ରହିଛି। ଗୁରୁବାର ସ୍ୱଟ ମେଧା ତାଲିକା ପ୍ରକାଶ ପାଇଥିଲା । ୧୬ ତାରିଖ ସୁଦ୍ଧା ପଞ୍ଜୀକୃତ ଛାତ୍ରୀଛାତ୍ରଙ୍କ ନାମଲେଖା ପାଇଁ ଚୂଡାନ୍ତ ତାଲିକା କଲେଜ ପକ୍ଷରୁ ପ୍ରକାଶ ପାଇଛି। ସେହିପରି କଲେଜ କର୍ତ୍ତୃପକ୍ଷ ଯୁକ୍ତ ୨ କଳା ନାମ ଲେଖା ପାଇଁ ୨୧ଜଣଙ୍କ ନାମ ଚୂଡାନ୍ତ ତାଲିକା ପ୍ରକାଶ ପାଇଛି। ପ୍ରଥମ ବର୍ଗରେ ୩ ଜଣ ଏବଂ ଦ୍ୱିତିୟ ବର୍ଗରେ ୧୮ ଜଣଙ୍କ ଛାତ୍ରୀଛାତ୍ରଙ୍କ ନାମ ରହିଛି । ଅପରପକ୍ଷେ ମନୋନୀତ ଛାତ୍ରୀଛାତ୍ରମାନେ ୧୭ରୁ ୨୦ ସେପ୍ଟେମ୍ବର ଅପରାହ୍ନ ୪ଟା ସୁଦ୍ଧା ନାମ ଲେଖାଇ ପାରିବେ ବୋଲି ଉଚ୍ଚ ମାଧ୍ୟାମିକ ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶାନାମ ଜାରି କରାଯାଇଥିଲା। ହେଲେ ଶନିବାର ଲୋଇସିଂହା କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜାରି କରାଯାଇଥିବା ନୋଟିସ୍ ନଂ ୯୯ ତା ୧୭।୭।୨୨ରିଖରେ ବ୍ୟତିକ୍ରମ ରହିଥିଲା। ଉକ୍ତ ନୋଟିସରେ ୧୯ ସେପ୍ଟେମ୍ବର ଅପରାହ୍ନ ୪ଟା ସୁଦ୍ଧା ନାମ ଲେଖାଇ ପାରିବ ବୋଲି କୁହାଯାଇଥିଲା।

# ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେଲେ

**ଖପ୍ରାଖୋଲ ସିଏଚ୍‌ସି ପରିଦର୍ଶନ କଲେ ରାଜ୍ୟ ସଭା ସାଂସଦ**

ଖପ୍ରାଖୋଲ,୧୭।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)କୁ ଶନିବାର ପରିଦର୍ଶନ କରିଥିଲେ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି। ଗସ୍ତ ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ର ଇନଡୋର ଓ ଆଉଟଡୋର ବୁଲି ଦେଖିବା ସହ ରୋଗୀଙ୍କ ସହ ସେବା ସମ୍ପର୍କରେ ପଚାରି ବୁଝିଥିଲେ। ଡାକ୍ତରଖାନା ସଫା ସୁତୁରା ଦେଖି ଖୁସିବ୍ୟକ୍ତ କରିଥିଲେ। ପରେ ମେଡିକାଲ ଅଫିସର ଡ଼ା ରାଜ ନାରାୟଣ ସ୍ୱାଇଁଙ୍କୁ ଭେଟି ସ୍ୱାସ୍ଥ୍ୟକେନ୍ଦ୍ରର ଖାଲି ପଡ଼ିଥିବା ବିଭିନ୍ନ ପଦବୀ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।



ଡାକ୍ତରଖାନା ପରିସରରେ ନିରଞ୍ଜନ ବିଶି ।

ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଛି। ଜଣେ ମେଡ଼ିସିନ ବିଶେଷଜ୍ଞ ନିଯୁକ୍ତ ହୋଇଥିଲେ ବି ଅନ୍ୟତ୍ର ଡେପୁଟେସନ କରାଯାଇଛି। ଡେପୁଟେସନ ବାତିଲ କରିବା ପାଇଁ ପ୍ରେସ କ୍ଲବ ସଦସ୍ୟ ଜଣାଇଥିଲେ। ସମସ୍ୟା ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ଓ ଜିଲାପାଳଙ୍କୁ ଜଣାଇ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ବିଶି ପ୍ରତିଶ୍ରୁତି ଦେଇଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୮ ସେପ୍ଟେମ୍ବର, ୨୦୨୨

**ମଦ ଜବତ, ଜଣେ ଗିରଫ**

ଜାମଟିକ୍ରା (ଡି.ଏନ.ଏ.): ବେଆଇନ ମଦ ବିକ୍ରି ଅଭିଯୋଗରେ ଅତାବିରା ବ୍ଲକ କାଠତେରାରେ ଶନିବାର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରି ଜଣଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ବିଦେଶୀ ମଦ ଜବତ ହୋଇଛି। ଅବକାରୀ ବିଭାଗ ଏ ନେଇ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।



## ସଂକ୍ଷେପରେ

### ନୂତନ ପୂଜା ମଣ୍ଡପ, ମୁଖ୍ୟ ଫାଟକ ଉଦ୍‌ଘାଟିତ

**ବରଗଡ଼ ଅଫିସ,୧୭।୯:** ବରଗଡ଼ ସହର ଉପକଣ୍ଠ ପଧାନପାଲି ସ୍ଥିତ ୧୩୨/୩୩ କେଭି ଓପିଟିସିଏଲରେ ବିଶ୍ୱକର୍ମା ପୂଜା ଅବସରରେ ନୂତନ ପୂଜା ମଣ୍ଡପ ଓ ମୁଖ୍ୟ ଗେଟ ଉଦ୍‌ଘାଟନ କରାଯାଇଥିଲା। ଉଦଘାଟନୀ ସଭାରେ ଓପିଟିସିଏଲ, ବୁର୍ଲାର ସର୍କଲ ମୁଖ୍ୟ ଜିଏମ୍ ଇଂ ଉମାକାନ୍ତ ମିଶ୍ର ମୁଖ୍ୟ ଅତିଥି, ଓପିଟିସିଏଲର ପୂର୍ବତନ ସିଜିଏମ୍ କୈଳାଶ କୁମାର ଅଗ୍ରୱାଲ, ଡିଜିଏମ୍ ରାଜାମଣି ବାରିକ, ଡିଜିଏମ୍ (ଇଏମ୍‌ଆର) ବେଣୁଧର ପ୍ରଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶଶିକାନ୍ତ ବେହେରା, ବିନ୍ଦିଆ ଲୁହାର, ରଶ୍ମିକାନ୍ତ ସୁତାର, ବିସ୍ମୟ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

### ସୁରକ୍ଷିତ ଭବିଷ୍ୟତ ପାଇଁ ଗଛଟିଏ କାର୍ଯ୍ୟକ୍ରମ

**ପଦ୍ମପୁର,୧୭।୯(ଡି.ଏନ.ଏ.):** ପଦ୍ମପୁର ଉପଖଣ୍ଡ ଜମଲା ଡିଗ୍ରୀ କଲେଜ ପରିସରରେ ଶନିବାର ଭବିଷ୍ୟତ ସୁରକ୍ଷିତ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଲେଜ ଅଧକ୍ଷ ଡ. ସ୍ୱାଧୀନ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିବେଶ ପ୍ରେମୀ ମୀନକେତନ ସାହୁ ମୁଖ୍ୟ ଅତିଥି ଭାବେ ଯଗୋଦାନ କରିଥିଲେ। ଅଧାପକ ଦୁର୍ଗାଶିଷ ପଟ୍ଟନାୟକ ଅତିଥି ପରିଚୟ ଓ ଡ. ମୀନତି ଦେବତା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ଗୋଟିଏ ଲେଖାଏଁ ଚାରା ବଣ୍ଟନ କରାଯାଇଥିଲା ଏବଂ ତାର ସୁରକ୍ଷା ପାଇଁ ଉପଯୁକ୍ତ ପରାମର୍ଶ ଦିଆଯାଇଥିଲା। ଅଧାପକ ଅଞ୍ଜନ ସାଗର, ଯାମିନୀ ରଞ୍ଜନ ସାହୁ, ପ୍ରେରଣା ଭୋଇ, ପ୍ରିୟଙ୍କା ବେହେରା ଯୋଗଦାନ କରି ପରିବେଶ ସନ୍ତୁଳନ ପାଇଁ ବୃକ୍ଷରୋପଣର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅଧାପକ ସଦାନନ୍ଦ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

### ଅଟୋ ରିକ୍ସା ମାଲିକ ସଂଘର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ବରଗଡ଼ ଅଫିସ,୧୭।୯:** ବରଗଡ଼ ଅଟୋ ରିକ୍ସା ମାଲିକ ସଂଘର ନୂତନ କାର୍ଯ୍ୟାଳୟ ଶନିବାର ବିଶକର୍ମା ପୂଜା ଅବସରରେ ଉଦ୍‌ଘାଟିତ ହୋଇଛି। ନୂଆ ଘରୋଇ ବସ୍‌ଷ୍ଟାଣ୍ଡ ପରିସରରେ ସଂଘ ସଭାପତି ପ୍ରୀତମ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ପୌରାଧକ୍ଷା କଳ୍ପନା ମାଝୀ ଏବଂ ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ସଂଘର ୪ଜଣ ବରିଷ୍ଠ ସଦସ୍ୟଙ୍କୁ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସୁଦର୍ଶନ ସ୍ୱାଇଁ, ହର ନାୟକ, ସପ୍ତରଥୀ ମିଶ୍ର, ସଞ୍ଜୟ ଜଗଦଲା, ଯଶପାଲ ସିଂ, ହରିଶ କୁମ୍ଭାର, ପ୍ରଫୁଲ୍ଲ ହେରନା, ସଞ୍ଜୀବ ବଗାର, ଗୁହାଲୁ ଭାଇ, ତପନ କୁମାର, ହୁତାଶନ ପାଣ୍ଡେ, ବୃନ୍ଦାବନ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଘରୋଇ ବସ୍ ମାଲିକ ସଂଘର ଶେଖ୍ ନଜିମୁଦ୍ଦିନ, ସରୋଜ ମହାପାତ୍ର, ମହମ୍ମଦ ଇଦ୍ରିଶ ପ୍ରମୁଖ ଯୋଗଦାନ କରିଥିଲେ। ସାରଥି ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

### ମାତୃଭାଷା ମାତୃ ସଂସ୍କୃତିକୁ ଜନ୍ମଦିଏ

**ଅମରପାଲି,୧୭।୯(ଡି.ଏନ.ଏ.):** ଗୋଟିଏ ମାତୃଭାଷା ଗୋଟିଏ ମାତୃ ସଂସ୍କୃତିକୁ ଜନ୍ମ ଦିଏ। କୋଶଲି ମାତୃସଂସ୍କୃତି ପଶ୍ଚିମ ଓଡିଶାର ଗ୍ରାମୀଣ ଯାନିଯାତ୍ରାରେ ବରୁଆ ତତ୍ତ୍ୱ ମଧରେ ଭରି ରହିଛି । ଦୁଃଖ ଓ ପରିତାପର ବିଷୟ ଯେ ଉଭୟ କୋଶଲି ଭାଷା ଓ ସଂସ୍କୃତି ପୃଷ୍ଠପୋଷକତା ଅଭାବରୁ ସମାଧି ନେବାକୁ ବସିଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସାମ୍ବାଦିକ ଭବନରେ କୋଶଲ ସାହିତ୍ୟ ସଂସ୍କୃତି ଏକାଡେମୀର ସାଧାରଣ ସମ୍ପାଦକ ଗୋରେଖନାଥ ସାହୁ ଶୁକ୍ରବାର ଏକ ପ୍ରେସ ବିଜ୍ଞପ୍ତି ଏହା କହିଛନ୍ତି। ସେ ଆହୁରି କହିଛନ୍ତି, ଶାକ୍ତ ପ୍ରମୋଦ ଓ ବାଦ୍ୟତତ୍ତ୍ୱ ବା ଷୋହଳ ଭରଣି ବାଦ୍ୟ ଏହି ସୁବର୍ଣ୍ଣପୁର ମାଟିରୁ ଆବିଷ୍କୃତ ହୋଇଛି । ପଶ୍ଚିମ ଓଡିଶା ପୃଥିବୀର ସବୁଠାରୁ ଅନଗ୍ରସର ଅଞ୍ଚଳ ଭାବେ ଜାତିସଂଘ ବିକାଶ ପରିଷଦ ଦ୍ୱାରା ଘୋଷିତ। ତେଣୁ ଆଞ୍ଚଳିକ ବୈଷମ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଅପରପକ୍ଷରେ କେନ୍ଦ୍ର ସରକାରଙ୍କ ୨୦୨୦ ନୂତନ ଶିକ୍ଷାନିତିରେ ଶିଶୁମାନଙ୍କୁ ପ୍ରାଥମିକସ୍ତରରେ ନିଜ ମାତୃଭାଷା ଶିକ୍ଷା କରାଯିବ ବୋଲି ନିର୍ଦ୍ଦେଶଥିବା ସତ୍ତ୍ୱେ ପଶ୍ଚିମ ଓଡିଶାବାସୀଙ୍କୁ ନିଜ ମାତୃଭାଷା କୋଶଲି ଭାଷାରେ ଶିକ୍ଷାଦାନ ନେଇ ସରକାରୀ ଓ ପ୍ରଶାସନିକସ୍ତରରେ କୌଣସି ଉଦ୍ୟମ କରାଯାଇନାହିଁ। ସେଥିପାଇଁ ସମସ୍ତ ପଶ୍ଚିମ ଓଡିଶାବାସୀ ନିଜର ମୌଳିକ ଓ ସ୍ୱତନ୍ତ୍ର ପରିଚୟ ବଜାୟ ରଖିବାପାଇଁ ସଂଗ୍ରାମ ଜାରି ରଖିବା ଉଚିତ ବୋଲି ସାହୁ କହିଛନ୍ତି ।

# ସମାନ୍ତରାଳ ପ୍ରତ୍ନତାତ୍ତ୍ୱିକ ଭୂଖନନ ଆବଶ୍ୟକ

**ଅମରପାଲି,୧୭।୯(ଡି.ଏନ.ଏ)**


ଖବରଦାତା ସମ୍ମିଳନୀରେ ଐତିହାସିକ ଡ. ପ୍ରଦୀପ କୁମାର ବେହେରା ସୂଚନା ଦେଉଛନ୍ତି।

ପ୍ରତ୍ନତାତ୍ତ୍ୱିକ ସମ୍ପଦ ଦୃଷ୍ଟିରୁ ସୁବର୍ଣ୍ଣପୁର ଜିଲା ଅତ୍ୟନ୍ତ ବୈଭବଶାଳୀ। ଏଠାରେ ବହୁ ପ୍ରାଚୀନ ତଥା ଉନ୍ନତ ମାନବ ସଭ୍ୟତାର ନିଦର୍ଶନ ମାଟିତଳେ ପୋତି ହୋଇ ରହିଛି। ଯାହାର ସମାନ୍ତରାଳ ପ୍ରତ୍ନତାତ୍ତ୍ୱିକ ଭୂଖନନ ଏ ପର୍ଯ୍ୟନ୍ତ ହୋଇପାରି ନାହିଁ। ଏଥିପାଇଁ ପ୍ରଶାସନିକ ପୃଷ୍ଠପୋଷକତାର ଅଭାବ ମୁଖ୍ୟତଃ ଦାୟୀ ବୋଲି କୁହାଯାଉଛି। ବୀରମହାରାଜପୁର ନିକଟବର୍ତ୍ତୀ କୁମୁରସିଂହା ଓ ବୌଦ୍ଧ ଜିଲାର କରମାପଦରଠାରେ ପ୍ରତ୍ନତାତ୍ତ୍ୱିକ ଭୂଖନନ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ଡ. ପ୍ରଦୀପ କୁମାର ବେହେରା ୨୦୦୮ ମସିହାରେ ସଫଳତାର ସହ ସମ୍ପାଦନ କରି ସାରିଛନ୍ତି। ସେଠାରୁ ପ୍ରାପ୍ତ ପ୍ରତ୍ନତାତ୍ତ୍ୱିକ ସମ୍ପଦର ଅଙ୍ଗାରକ ବିଶ୍ଳେଷଣ ଜର୍ମାନୀର କିଏଲ ବିଶ୍ୱବିଦ୍ୟାଳୟରେ ହୋଇସାରିଛି। ଯହିଁରୁ ପ୍ରମାଣ ମିଳୁଛି ଯେ ଏକ ଉନ୍ନତ ମାନବ ସଭ୍ୟତା ମହାନଦୀ କୂଳେ କୂଳେ ଖ୍ରୀଷ୍ଟପୂର୍ବ ୮୦୦ରୁ ଖ୍ରୀ.ଅ. ୮୦୦ ପର୍ଯ୍ୟନ୍ତ ଦୀର୍ଘ ୧୬୦୦ ବର୍ଷ ଧରି ବିରାଜମାନ କରିଥିଲା। ସେତେବେଳେ ଉକ୍ତ ମାନବ ସଭ୍ୟତାରେ କ'ଣ ଆବିଷ୍କାର ହୋଇଥଲା ଓ ଲୋକଙ୍କ ଜୀବନଚର୍ଯ୍ୟା କିପରି ଥିଲା ସେ ସମ୍ପର୍କରେ ବିଶଦ ଭାବେ ଜାଣିବା ପାଇଁ ସମାନ୍ତରାଳ ପ୍ରତ୍ନତାତ୍ତ୍ୱିକ ଭୂଖନନ ଏକାନ୍ତ ଆବଶ୍ୟକ ବୋଲି ପ୍ରଫେସର ବେହେରା ମତ ରଖିଛନ୍ତି। ଏହା ହେଲେ ପୃଥିବୀ ଇତିହାସ ଓ ପୁରାତତ୍ତ୍ୱ କ୍ଷେତ୍ରରେ କେତେକ ନୂତନ ପୃଷ୍ଠା ଯୋଡ଼ିହେବ ବୋଲି ପ୍ରଫେସର ବେହେରା କହିଛନ୍ତି। ସେଥିପାଇଁ ସୁବର୍ଣ୍ଣପୁର ଜିଲା ପ୍ରଶାସନ ଓ କୋଶଳ ସାହିତ୍ୟ ସଂସ୍କୃତି ଏକାଡେମୀର ମିଳିତ ଉଦ୍ୟମରେ ଉକ୍ତ ସମାନ୍ତରାଳ ପ୍ରତ୍ନତାତ୍ତ୍ୱିକ ଭୂଖନନ ମହାନଦୀ ତଟବର୍ତ୍ତୀ କପାସିରାଠାରେ ଶୁଭାରମ୍ଭ କରିବା ପାଇଁ ଉଦ୍ୟମ କରାଯାଉଛି ବୋଲି ବୀରମହାରାଜପୁର ସାମ୍ବାଦିକ ଭବନଠାରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ପ୍ରଫେସର ବେହେରା ଓ କୋଶଳ ସାହିତ୍ୟ ସଂସ୍କୃତି ଏକାଡେମୀ ସାଧାରଣ ସମ୍ପାଦକ ଗୋରେଖନାଥ ସାହୁ ସୂଚନା ଦେଇଛନ୍ତି।

# ପିକ୍‌ଅପ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

**ପାଇକମାଲ,୧୭।୯(ଡି.ଏନ.ଏ.)**

ପାଇକମାଲ-ନୂଆପଡା ବିଜୁ ଏକ୍ସପ୍ରେସ ୱେର ବରତୁଣ୍ଡା ଗ୍ରାମପଞ୍ଚାୟତ ନିକଟ ସୁରିଙ୍ଗିଦାଦରଠାରେ ଶନିବାର ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ କମ୍ଭୁ ଭୋଇ(୩୫) ଓ ସୋମନ ଭୋଇ (୪୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଡାକ୍ତରଖାନାକୁ ପଠାଇଛି। ସୂଚନା ଅନୁସାରେ, ପୂର୍ବାହ୍ନ ୧୧ଟା ସମୟରେ ବଲାଙ୍ଗୀର ଜିଲା ଲାଠୋର କଣ୍ଡେଇଛାପର ଗ୍ରାମର ଦୁଇ ଜଣ ଯୁବକ ଏକ ବାଇକ୍ (ନଂ.ଓଡି୨୬ସଫି/୬୧୨୬) ଯୋଗେ ପାଇକମାଲ ଥାନା ଭେଙ୍ଗରାଜପୁର ପଞ୍ଚାୟତ ନାଗଡିହି ଗ୍ରାମକୁ ପୁଅ ଜିଉଁଣିଆ ପାଇଁ ଝିଅ ଆଣିବା ସକାଶେ ଯାଉଥିଲେ। ସୁରିଙ୍ଗିଦାଦରଠାରେ ଏକ ପିକ୍‌ଅପ୍ ଭ୍ୟାନ୍ (ନଂ.ସିଜି୦୪ଏନଭି/୬୮୧୭) ସାମ୍ନା ପଟରୁ ଉକ୍ତ ବାଇକ୍‌କୁ ଧକ୍କା ଦେବାରୁ ଦୁଇ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ସେଠାରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପଦ୍ମପୁର ଥାନାଧିକାରୀ ରାଜେନ୍ଦ୍ର ସିଆଲ, ଝାରବନ୍ଧ ଥାନା ଆଇଆଇସି ଦିଲୀପ ବେହେରା, ପାଇକମାଲ ଥାନା ଏଏସ୍‌ଆଇ ପ୍ରଫୁଲ୍ଲ ପାଣିଗ୍ରାହୀ, ଏଏସଆଇ ବିଜୟ କନ୍ଦେର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପିକ୍‌ଅପ୍ ଡ୍ରାଇଭର ରାୟପୁର ଚଙ୍ଗରାଭଟ୍ଟାର ବିଜୟ କୁମାର ସାରଥୀଙ୍କୁ ଗିରଫ କରି ଅଧିକ ତଦନ୍ତ କରୁଛି ବୋଲି ପାଇକମାଲ ଥାନା ଆଇଆଇସି ବିଶ୍ୱଜିତ ମନବୋଧ କହିଛନ୍ତି ।

# କୁପୋଷଣରୁ ମୁକ୍ତି ଦେବ ସନ୍ତୁଳିତ ଆହାର

**ସୋନପୁର,୧୭।୯(ନି.ପ୍ର.)**



ଜିଲା ପରିଷଦ ଅଧକ୍ଷା ଚାଷୀଙ୍କୁ ସଜନା ଚାରା ବଣ୍ଟନ କରୁଛନ୍ତି।

କୁପୋଷଣରୁ ମୁକ୍ତି ପାଇବା ପାଇଁ ସବୁ ବର୍ଗର ଲୋକଙ୍କୁ ସନ୍ତୁଳିତ ଆହାର ଆବଶ୍ୟକ। ପର୍ଯ୍ୟାପ୍ତ ପରିମାଣର ସବୁଜ ପନିପରିବା ଉତ୍ପାଦନ ହିଁ ଏହି ଆବଶ୍ୟକତା ପୂରଣ କରିପାରିବ। ତେଣୁ ବଜାର ଉପରେ ସବୁବେଳେ ନିର୍ଭର ନକରି ନିଜ ବାଡିରେ ପୋଷଣ ବଗିଚା କରନ୍ତୁ। ନିରୋଗ ରହିବା ପାଇଁ ଜୈବିକ ସାର ବ୍ୟବହାର କରି ସତେଜ ପନିପରିବା ଖାଆନ୍ତୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ପୋଷଣ ଅଭିଯାନ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁବର୍ଣ୍ଣପୁର ଜିଲା ପରିଷଦ ଅଧକ୍ଷା ସୁପାର ଠେଲା ଏହି ପରାମର୍ଶ ଦେଇଛନ୍ତି। କୃଷି ବିଜ୍ଞାନ କେନ୍ଦ୍ର(କେଭିକେ)ର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ବିଶ୍ୱରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମରେ ଅଧକ୍ଷତା କରି ସାମ୍ପ୍ରତିକ ଜଳବାୟୁ ପରିବର୍ତ୍ତନକୁ ନଜରରେ ରଖି ଚାଷ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀ ଡାକ୍ତର ଅଶେଷ କୁମାର କର, ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ କୁମାର ପଟ୍ଟନାୟକ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ତ୍ରିଦେବ ବଘାର ଓ ମୃତ୍ତିକା ସଂରକ୍ଷଣ ବିଭାଗର ପବିତ୍ର ମୋହନ ନେଗୀ ପ୍ରମୁଖ ଯୋଗଦେଇ ପୋଷଣଯୁକ୍ତ ଖାଦ୍ୟ ବ୍ୟବହାର, ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା, ଜୈବିକ ପୁଷ୍ଟି ଯୁକ୍ତ ଖାଦ୍ୟ ଶସ୍ୟ ଓ କିସମ ସମ୍ପର୍କରେ ଆଲୋଚନା କରିଥିଲେ। କେଭିକେର କ୍ଷେତ୍ର ବିଜ୍ଞାନୀ ବୈଜ୍ଞାନିକା ଡ. ସୁରଜ୍ୟୋତି ପ୍ରଧାନ ସୁଷମ ଖାଦ୍ୟ ପାଇଁ ଜୈବିକ କୃଷିର ଉପାଦେୟତା ସମ୍ପର୍କରେ ବୁଝାଇଥିଲେ। ଚାଷୀମାନଙ୍କୁ ପନିପରିବା ଚାରା ଓ ଉନ୍ନତ କିସମର ପନିପରିବା ମଞ୍ଜି କିଟ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଚାଷୀ ଓ ବୈଜ୍ଞାନିକଙ୍କ ମଧରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବୈଜ୍ଞାନିକ ଗୀତାଞ୍ଜଳି ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। କେଭିକେର ବୈଜ୍ଞାନିକ ତ୍ରିନାଥ ଖଣ୍ଡାୟତରାଏ, ସୁପ୍ରଭା ସେଠୀ, ଲୋପାମୁଦ୍ରା ରାଏ ଓ ମୟକ ଅଧିକାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ସମୀକ୍ଷା

**ବରଗଡ଼ ଅଫିସ, ୧୭।୯**

ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଯୋଜନା ଏବଂ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମର ଆର୍ଥିକ ବର୍ଷ ୨୦୨୧-୨୨ ପାଇଁ ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ସାମାଜିକ ସମୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକ ଅନ୍ତର୍ଗତ ମୁଲବାର, ତେଜାଗୋଲା, ସୁକୁଡା, ହାଲୁପାଲି ଏବଂ କେଲେଣ୍ଡାପାଲି ଗ୍ରାମପଞ୍ଚାୟତରେ ଗୋଷ୍ଠୀ ସାମାଜିକ ସମୀକ୍ଷକ ମାଧବ ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଜାତୀୟ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ବିକଳାଙ୍ଗ ଭତ୍ତା, ପରିବାର ମଙ୍ଗଳ ଯୋଜନା, ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ତଥା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କିପରି ଠିକ୍ ଭାବେ ଲୋକମାନଙ୍କ ପାଖରେ ପହଞ୍ଚିବ ସେଥିପ୍ରତି ଦୃଷ୍ଟି ଦେବାକୁ ଶ୍ରମିକ ଏବଂ ହିତାଧିକାରୀମାନେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଗ୍ରାମସଭାରେ ଗ୍ରାମ୍ୟ ସମ୍ବଳ କର୍ମୀ ସପ୍ତଶିନୀ ମିର୍ଦ୍ଧା, ଅରୁଣା ସେଠ, ଗୋଲାବତୀ ଭୋଇ, ଶୈଳ ମହାନନ୍ଦ, ବିନି ଅଦାବର, ଉର୍ବଶୀ ସା, ମମତା ସାହୁ, ସୌଦାମିନୀ ମହାନନ୍ଦ, ସୁଷମା ବଣିଆଁ, ପିଙ୍କି ମେହେର, ସାବିତ୍ରୀ ସା, ମଞ୍ଜୁ ସାହୁ, ସୁଜାତା ପାଣ୍ଡେ ଏବଂ ପଦ୍ମାବତୀ ସାହୁ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଆରଏସ୍ ଦେବରାଜ ସାହୁ, ସୁଧୀର କୁମାର ଦାସ, ମିଲି ସାହୁ, ନେତ୍ରାନନ୍ଦ ଭୋଇ ଏବଂ ନୀଳାମ୍ବର ଖମାରୀ ସହଯୋଗ କରିଥିଲେ।

# ଟ୍ରାକ୍ଟର ମାଲିକ ସଂଘ ଆନ୍ଦୋଳନ ପ୍ରତ୍ୟାହୃତ

**ସୋନପୁର,୧୭।୯(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନ ପ୍ରତ୍ୟାହାର ହୋଇଛି। ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଗତ ୧୩ ତାରିଖରୁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଦାବି ପୂରଣ ନ ହେବାରୁ ସଂଘ କର୍ମକର୍ତ୍ତାମାନେ ପୂର୍ବାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଗଣଧାରଣା ଜାରି ରଖିଥିଲେ। ତେବେ ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କ ପ୍ରତିଶ୍ରୁତି ପରେ ଏହି ଆନ୍ଦୋଳନ ପ୍ରତ୍ୟାହର ହୋଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ ତେଲନଦୀ, ମହାନଦୀରେ ଦ୍ୱିତୀୟ ବାଲି ଉତ୍ସ ନିଲାମ କରିବା, ବାଲି ଉତ୍ସ ଲିଜ୍‌ଧାରୀ ବାଲି ପରିବହନ କରୁଥିବା ଟ୍ରାକ୍ଟରଗୁଡିକୁ ୱାଇଫର୍ମ ପ୍ରଦାନ କରିବା ଓ ପ୍ରଶାସନ ଜରିମାନା ଆଦାୟ କମ୍ କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଥିଲା। ତେବେ ନଦୀରେ ଦ୍ୱିତୀୟ ବାଲି ଉତ୍ସ ଲିଜ୍ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜିଲାପାଳ କହିଛନ୍ତି। ଆନ୍ଦୋଳନ ସମୟରେ ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ସହର ଭିତରକୁ ବାଲି, ଚିପ୍ସ ଓ ମୋରମ ପରିବହନ ବନ୍ଦ କରାଯାଇଥିଲା। ଏଥିଯୋଗୁଁ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା।

# ବିକାଶରେ ବିଜ୍ଞାନର ଆବଶ୍ୟକତା ରହିଛି

## ସ୍କୁଲସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର


ବିଜ୍ଞାନ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଓ ଶିକ୍ଷକ।

**ଅମରପାଲି,୧୭।୯(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ହାଇସ୍କୁଲରେ ସ୍କୁଲସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସ୍କୁଲର ୧୭ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ବିଜ୍ଞାନ ଆଲୋଚନାର ଶୀର୍ଷକ ଥିଲା ନିରନ୍ତର ବିକାଶରେ ମୌଳିକ ବିଜ୍ଞାନ ଆହ୍ୱାନ ଓ ସମ୍ଭାବନା। ଏହା ଉପରେ ଛାତ୍ରୀଛାତ୍ରମାନେ ମତପ୍ରକାଶ କରିବା ସହ ନିଜର ମଡେଲ ପ୍ରଦର୍ଶନ କରିଥିଲେ। ଏଥିରେ ଗୀତାଞ୍ଜଳି ବିଶ୍ୱାଳ ପ୍ରଥମ, ସ୍ମୃତି ସ୍ୱାଗତିକା ସାହୁ ଦ୍ୱିତୀୟ ଓ ପ୍ରତ୍ୟାଶା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜ୍ଞାନ ଶିକ୍ଷକ ସମ୍ପିତ ପ୍ରଧାନ ଓ ପଦ୍ମନାଭ ପ୍ରଧାନ ବିଚାରକଭାବେ ଯୋଗଦେଇ ମୂଲ୍ୟାୟନ କରିଥିଲେ। ଶିକ୍ଷକ ଶ୍ୟାମ ସୁନ୍ଦର ସେଠୀ, ବ୍ରହ୍ମାନନ୍ଦ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ। କୃତି ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ଗୀତାଞ୍ଜଳି ବିଶ୍ୱାଳ ଆସନ୍ତା ୨୦ତାରିଖରେ ବୀରମହାଜପୁର ସରକାରୀ ବାଳକ ହାଇସ୍କୁଲରେ ହେବାକୁ ଥିବା ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଅତିଥିମାନେ ନିରନ୍ତର ବିକାଶରେ ବିଜ୍ଞାନର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ କରିଥିଲେ।

# ଶ୍ରୀ ଅରବିନ୍ଦଙ୍କ ଜନ୍ମବାର୍ଷିକୀରେ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।

**ବରଗଡ଼ ଅଫିସ,୧୭।୯**

ବରଗଡ଼ ରାଣାପ୍ରତାପ ସ୍କୁଲ ସମ୍ମିଳନୀ କକ୍ଷରେ ଶ୍ରୀ ଅରବିନ୍ଦଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଶନିବାର 'ଶ୍ରୀ ଅରବିନ୍ଦଙ୍କ ମାନବ ସମାଜ ପ୍ରତି ଅବଦାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅନନ୍ତ ଚରଣ ସାମନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ମହିଳା ମହାବିଦ୍ୟାଳୟର ଇତିହାସ ଅଧାପକ ରାଧାକାନ୍ତ ମିଶ୍ର ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇ ମାନବ ସମାଜ ପ୍ରତି ଶ୍ରୀ ଅରବିନ୍ଦଙ୍କ ଅବଦାନ ଅତୁଳନୀୟ ବୋଲି ଉଲ୍ଲେଖ କରିଥିଲେ। ଅନ୍ୟତମ ଆଲୋଚିକା ଅର୍ପିତା ସାମନ୍ତ ଶ୍ରୀ ଅରବିନ୍ଦଙ୍କ ମହତ୍ ବାଣୀଗୁଡିକ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଶ୍ୱକର୍ମାଙ୍କ ପୂଜା ପାଇଁ ବିନିକା ଉତ୍ସବମୁଖର

**ବିନିକା, ୧ ୭।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ସହର ସମେତ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶକର୍ମାଙ୍କ ପୂଜା ଧୁମଧାମରେ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ୱେଷ୍କୋ, ଜଳଯୋଗାଣ କେନ୍ଦ୍ର, ଟେଲିଫୋନ ଅଫିସ, ଗାଡ଼ି ଚାଳକ ସଂଘ, ଏନଏସି ଅଫିସ ସହ ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନରେ ପୂଜା ପାଳନ ହୋଇଥିଲା। ସୁସଜ୍ଜିତ ତୋରଣ ସାଙ୍ଗକୁ ମଣ୍ଡପଗୁଡ଼ିକ ଆଲୋକମାଳାରେ ଝଲସୁଛି। ପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁ ଭକ୍ତଙ୍କ ମଣ୍ଡପରେ ଭିଡ ଲାଗିରହିଥିଲା। ବିଭିନ୍ନ ପୂଜା କମିଟି ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ରକ୍ତଦାନ ଶିବିର

**ସୋନପୁର,୧୭।୯(ନି.ପ୍ର.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୨ତମ ଜନ୍ମ ଦିବସକୁ ଭାଜପା ପକ୍ଷରୁ ସେବା ଦିବସଭାବେ ପାଳନ କରାଯାଇଛି। ଏହି ଅବସରରେ ଭାଜପା ଯୁବମୋର୍ଚ୍ଚା ସୋନପୁର ନଗର ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶନିବାର ଆୟୋଜିତ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାର ପରିସରରେ ଆୟୋଜିତ ଏହି ଶିବିରରେ ୨୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ର, ଭାଜପା ଯୁବମୋର୍ଚ୍ଚା ନଗର ସଭାପତି ତଥା କାଉନସିଲର ଗଙ୍ଗାଧର ତରିଆ, କାଉନସିଲର ସୁକାନ୍ତ କୁମାର ସାହୁ, ଜଗତଜ୍ୟୋତି ତ୍ରିପାଠୀ, ସ୍ୱରୂପ ପାତ୍ର, ସୁରେଶ ବିଶ୍ୱାଳ, ଆଲୋକ ମିଶ୍ର, ଦେବାଶିଷ ପାଣିଗ୍ରାହୀ, ବିକ୍ରାନ୍ତ କୁମାର ମିଶ୍ର ଓ ବାବୁଲୁ ସାଗର କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।


ରକ୍ତଭଣ୍ଡାରରେ ଜଣେ ଯୁବକ ରକ୍ତଦାନ କରୁଛନ୍ତି।

# ଆଇଟିଆଇ ବୈଷୟିକ ଶିକ୍ଷାର ପ୍ରାଣକେନ୍ଦ୍ର

**ବରଗଡ଼ ଅଫିସ,୧୭।୯**



ସମାବର୍ତ୍ତନ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

ବରଗଡ଼ ନାଗେନପାଲି ଛକସ୍ଥିତ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଶିଳ୍ପ ତାଲିମ କେନ୍ଦ୍ରରେ ଶନିବାର ୨୦୨୦-୨୨ ବର୍ଷ ପାସ୍ ଆଉଟ୍ ଛାତ୍ରମାନଙ୍କର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଦକ୍ଷତା ବିକାଶ ବିଭାଗ ଓ ରାଜ୍ୟ ସରକାରଙ୍କ ବୈଷୟିକ ଶିକ୍ଷା ପରିଷଦର ଅନୁକରଣରେ ଅନୁଷ୍ଠିତ ଏହି ସମାବର୍ତ୍ତନ ମହୋତ୍ସବରେ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଶିକ୍ଷାନୁଷ୍ଠାନ ସମୂହର କୋଷାଧ୍ୟକ୍ଷ ଶିଳ୍ପ ଉଦ୍ୟୋଗୀ ଜୟପ୍ରକାଶ ଅଗ୍ରୱାଲ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରସନ୍ନ ଅଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ମୁଖ୍ୟଅତିଥି ଛାତ୍ରମାନେ ନିଜକୁ କର୍ତ୍ତବ୍ୟନିଷ୍ଠ ଭାବେ ଗଢ଼ି ତୋଳିବାକୁ ପରାମର୍ଶ ଦେବା ସହିତ ଜ୍ଞାନ ଆହରଣର ସୀମାକୁ ସଙ୍କୁଚିତ ନ କରି ଉଚ୍ଚତର ଶିକ୍ଷା ପ୍ରାପ୍ତି ପାଇଁ ଆଗେଇ ଆସିବାକୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଶିକ୍ଷାନୁଷ୍ଠାନ ସମୂହର ଉପାଧ୍ୟକ୍ଷ ସନ୍ତୋଷ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିବାବେଳେ ବରଗଡ଼ ସରକାରୀ ପଲିଟେକ୍‌ନିକ୍‌ର ବରିଷ୍ଠ ଅଧ୍ୟାପକ ଗୌରାଙ୍ଗ ବଡ଼େଇ ମୁଖ୍ୟବକ୍ତା ଭାବେ

## ସମାବର୍ତ୍ତନ ଉତ୍ସବରେ ମତପ୍ରକାଶ

ଯୋଗଦେଇ ଆଇଟିଆଇ ପାଠ୍ୟକ୍ରମକୁ ବୈଷୟିକ ଶିକ୍ଷାର ପ୍ରାଣ ବୋଲି ଅଭିହିତ କରିଥିଲେ। ଏହି ଅବସରରେ ୨୦୨୦-୨୨ ଶିକ୍ଷାବର୍ଷରେ ଉକ୍ତ ଆଇଟିଆଇରୁ ଉତ୍ତୀର୍ଣ୍ଣ ହୋଇଥିବା ୫୭ ଛାତ୍ରଙ୍କୁ ଅନୁଷ୍ଠାନ ତରଫରୁ ଜାତୀୟ ଟ୍ରେଡ୍ ସାର୍ଟିଫିକେଟ୍, ମେଡ଼ାଲ ପ୍ରଦାନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଚଳିତବର୍ଷ ଉଭୟ ଫିଟର୍ ଏବଂ ଇଲେକ୍ଟ୍ରିସିଆନ ବିଭାଗର ଟ୍ରେଡ୍ ଟପ୍ପର ଅମନ ପ୍ରଧାନ ଏବଂ ରଘୁନନ୍ଦନ ମେହେରଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ସରୋଜ କୁମାର ମାଝି ଧନ୍ୟବାଦ ଅର୍ପଣ କରିଥିଲେ ।

